## ସଂକ୍ଷେପରେ

### ୬ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୨ ଗିରଫ

**ଭୁବନେଶ୍ୱର,୪।୧୨(ସୂର୍ଯ୍ୟକାନ୍ତ ବେହେରା):** ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱରର ପୃଥକ ସ୍ଥାନରେ ଚଢାଉ କରି ୨ ଜଣ ନିଶାବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ କ୍ୟାପିଟାଲ ଥାନା ଅଞ୍ଚଳର ଛବି ଭୋଇ ଓ ମଣ୍ଟୁ ନାୟକ। ଉଭୟଙ୍କଠାରୁ ମୋଟ ୬୬ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ତେବେ ଜବତ ନିଶାଦ୍ରବ୍ୟର ମୂଲ୍ୟ ୬ ଲକ୍ଷ ଟଙ୍କାରୁ ଅଧିକ ହେବ। ଏନେଇ ଦୁଇଟି ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ବ୍ରାଉନ୍‌ସୁଗାର ବେପାର କରି ଯୁବକ ଗିରଫ

**ଭୁବନେଶ୍ୱର,୪।୧୨(ସୂର୍ଯ୍ୟକାନ୍ତ ବେହେରା):** ବେଆଇନ ଭାବେ ବ୍ରାଉନସୁଗାର ବେପାର କରୁଥିବା ଜଣେ ନିଶାବେପାରୀଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ସ୍ଥାନୀୟ ମେଳଣ ପଡିଆସ୍ଥିତ ଲକ୍ଷ୍ମୀପୂଜା ମଣ୍ଡପ ନିକଟରୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ପୁରୀ ଜିଲା କାକଟପୁର ଥାନା ଅଞ୍ଚଳର ଲିଙ୍ଗରାଜ ବାରିକ ଓରଫ ରିଙ୍କୁ (୩୦)। ତାଙ୍କଠାରୁ ୧୨ ଗ୍ରାମ ବ୍ରାଉନସୁଗାର ଓ ୬୦୦ ଟଙ୍କା ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଲିଙ୍ଗରାଜଙ୍କ ନାମରେ ଲକ୍ଷ୍ମୀସାଗର ଥାନାରେ ୧୨ଟି ଓ କ୍ୟାପିଟାଲ ଥାନାରେ ଗୋଟିଏ ମାମଲା ରହିଥିବା ଜଣାପଡିଛି। ତେଣୁ ଅଭିଯୁକ୍ତ ଜଣକ ଅଭ୍ୟାସଗତ ଭାବେ ଆପରାଧିକ କାର୍ଯ୍ୟରେ ଲିପ୍ତ ରହୁଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି -୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ପଦକ୍ଷେପ ନିଆଯାଉଥିବା ପୋଲିସ ସୂଚନା ଦେଇଛି।

### ଚମ୍ପାବତୀ ପାଇକରାୟଙ୍କ ସ୍ମୃତିସଭା

**ଭୁବନେଶ୍ୱର, ୪।୧୨(ବନ୍ଦନା ସେଠୀ):** ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, କୃଷକ ଆନ୍ଦୋଳନର ନେତା ତଥା ପୂର୍ବତନ ବିଧାୟକ ଗଙ୍ଗାଧର ପାଇକରାୟଙ୍କ ସହଧର୍ମିଣୀ ଚମ୍ପାବତୀ ପାଇକରାୟଙ୍କ ୨୫ତମ ସ୍ମୃତିସଭା ଖାରବେଳ ନଗରସ୍ଥିତ ବାସଭବନରେ କମ୍ୟୁନିଷ୍ଟ ନେତା ପ୍ରଫୁଲ୍ଲ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚମ୍ପାବତୀ ସଂଗ୍ରାମୀମାନଙ୍କୁ ଉତ୍ସାହିତ କରିବା ସହ ମହିଳାମାନଙ୍କୁ ସଙ୍ଗଠିତ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଶ୍ରୀକାନ୍ତ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁ, ମନୋଜ କୁମାର ସାହୁ, ରମେଶ ମହାପାତ୍ର, ଭରତ ସାହୁ, ଭାରତ ପାଣିଗ୍ରାହୀ, ପ୍ରଶାନ୍ତ ପାଇକରାୟ, କୁମର ନାଏକ ପ୍ରମୁଖ ଉପସ୍ଥିତ ରହି ଚମ୍ପାବତୀଙ୍କ ତ୍ୟାଗପୁତ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ।

### ନିଖିଳେଶ ମିଶ୍ରଙ୍କ 'ବାଧିଲା ଜାଣି କ୍ଷମା' ଉନ୍ମୋଚିତ



**ଭୁବନେଶ୍ୱର,୪।୧୨(ଶର୍ମିଷ୍ଠା ପାଣିଗ୍ରାହୀ):** ଯୁବ କବି ଓ ପ୍ରାବନ୍ଧିକ ନିଖିଳେଶ ମିଶ୍ରଙ୍କ ପ୍ରବନ୍ଧ ସଂକଳନ 'ବାଧିଲା ଜାଣି କ୍ଷମା' ୫ମ ରାଜ୍ୟ ମହୋତ୍ସବ 'ଅକ୍ଷର' ପରିସରରେ ଥିବା ପେନ ଇନ ବୁକ୍ସ ଷ୍ଟଲରେ ଉନ୍ମୋଚିତ ହୋଇଯାଇଛି। ପେନ୍ ଇନ୍ ବୁକ୍ସ ପକ୍ଷରୁ ପ୍ରକାଶିତ ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ବରିଷ୍ଠ କଥାଶିଳ୍ପୀ ଅଜୟ ସ୍ୱାଇଁ କବି ଓ ଅନୁବାଦକ ତପନ କୁମାର ପଣ୍ଡା ଓ କଥାକାର ଶକ୍ତି ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ନିଖିଳେଶ ତାଙ୍କର ଲଳିତନିବନ୍ଧଧର୍ମୀ ଲେଖାଗୁଡ଼ିକୁ ଚିରାଚରିତ ତଥ୍ୟ ଓ ବିଶ୍ଳେଷଣର ଅତିଶୟୋକ୍ତିରୁ ମୁକ୍ତ କରି ସାବଲୀଳ ଢଙ୍ଗରେ ପରଷିଥିବାରୁ ଏ ବହିଟି ପାଠକପ୍ରିୟ ହେବ ବୋଲି ଅତିଥିମାନେ ମତ ଦେଇଥିଲେ। ଉତ୍ସବରେ ଅଧ୍ୟକ୍ଷତା କରିଥିଲେ କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା। ପ୍ରତ୍ୟହ ପେନ୍ ଇନ୍ ବୁକ୍ସ ଷ୍ଟଲ ପରିସରରେ ଥିବା ସ୍ୱତନ୍ତ୍ର ସାହିତ୍ୟ ମଞ୍ଚରେ ଏକାଧିକ ନୂଆ ପୁସ୍ତକ ଉନ୍ମୋଚନ କରାଯିବା ସହ ଲେଖକଙ୍କ ସହିତ ଭାବବିନିମୟ କାର୍ଯ୍ୟକ୍ରମ ଓ ସାହିତ୍ୟ ଆଲୋଚନା ଅନୁଷ୍ଠିତ ହେଉଛି।

# ରାସ୍ତାକୁ ଓହ୍ଲାଇବାକୁ ସ୍ଥାନୀୟ ଲୋକଙ୍କ ସଜବାଜ

## ଅସହ୍ୟ ହେଲାଣି ସୈନିକ ସ୍କୁଲ୍ ଡମ୍ପିଂୟାର୍ଡ ଦୁର୍ଗନ୍ଧ



**ଭୁବନେଶ୍ୱର, ୪।୧୨ (ବନ୍ଦନା ସେଠୀ)**
ଦିନ ଗଡୁଛି, ତା' ସହିତ ସୈନିକ ସ୍କୁଲ ନିକଟ ଅସ୍ଥାୟୀ ଡମ୍ପିଂୟାର୍ଡ (ଟିଟିଏସ୍)ର ସମସ୍ୟା ମଧ୍ୟ ବଢି ଚାଲିଛି। ଦୁର୍ଗନ୍ଧରେ ଏବେ ଅଧା ସହରବାସୀ ଘାଣ୍ଟିଚକଟି ହେଉଥିବାବେଳେ ସମାଧାନର ବାଟ ଫିଟିପାରୁ ନାହିଁ। ପ୍ରତିଦିନ ଶହଶହ ଟନ୍ ଆବର୍ଜନା ପଡିବା ସହିତ ଏହାର ଆକାର ବଢି ଚାଲିଛି। ଅପରପକ୍ଷେ ପୂର୍ବରୁ ଦିନକୁ ୨ଟି ପର୍ଯ୍ୟାୟରେ ବର୍ଜ୍ୟ ପ୍ରକ୍ରିୟାକରଣ କରାଯାଉ ଥିବାବେଳେ ଏବେ ଦୁଇଦିନ ହେବ ୩ଟି ପର୍ଯ୍ୟାୟରେ ପ୍ରକ୍ରିୟାକରଣ ଆରମ୍ଭ ହୋଇଛି। ତେଣୁ ଦୁର୍ଗନ୍ଧ ଆହୁରି ବଢି ଯାଇଛି। ଦିନବେଳା ଯାହା ଯେମିତି କଟି ଯାଉଥିବାବେଳେ ପ୍ରକ୍ରିୟାକରଣ ସମୟ ତଥା ସନ୍ଧ୍ୟା ପରଠାରୁ ସ୍ଥିତି ଜଟିଳ ହୋଇପଡୁଛି। ତେଣୁ ଜନବସତି ଭିତରେ ଥିବା ଏହି ଟିଟିଏସ୍ ଉଠାଇ ନେବାକୁ ସ୍ଥାନୀୟ ଲୋକେ ଦାବି କରିବା ସହ ରାସ୍ତାକୁ ଓହ୍ଲାଇବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

### ବୟସ୍କ, ଛୋଟପିଲାଙ୍କ ଦେହ ଭଲ ହେଉନି



ସହରସାରା ଦୁର୍ଗନ୍ଧ ଏମିତି ବ୍ୟାପିଗଲାଣି ଯେ ଏଠି ରହିବା କଷ୍ଟକର ହୋଇ ପଡିଲାଣି। ଘରର କବାଟ, ଝରକା ଦିନରାତି ବନ୍ଦ କରି ରହିବାକୁ ପଡୁଛି। ଅଣନିଃଶ୍ୱାସୀ ଲାଗୁଥିବାବେଳେ ବୟସ୍କ ଏବଂ ଛୋଟପିଲାଙ୍କ ଦେହ ଖରାପ ରହୁଛି। ସହର ଆଉ ସହର ହୋଇ ରହିନାହିଁ।

- ରାଘବ ଚନ୍ଦ୍ର ମହାନ୍ତି, ସ୍ଥାନୀୟ ବାସିନ୍ଦା

### ମାନବିକ ଅଧିକାର କ୍ଷୁଣ୍ଣ ହେଉଛି



ଗତ ୨ସପ୍ତାହ ହେଲା ମୋ ମା'ଙ୍କ ଦେହ ଖରାପ ଅଛି। ତାଙ୍କୁ ନିଃଶ୍ୱାସ ନେବାରେ କଷ୍ଟ ହେଉଥିବାବେଳେ ବାନ୍ତି ହେଉଛି। ଡାକ୍ତର ଦେଖାଇବାରୁ ଦୁର୍ଗନ୍ଧ ପାଇଁ ଇନ୍‌ଫେକ୍ସନ ହୋଇ ଏପରି ହେଉଥିବା କହିଛନ୍ତି। ବିଏମ୍‌ସି ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେଇ ପାରୁ ନ ଥିବାବେଳେ ଏଭଳି ଆବର୍ଜନା ଗଦାଇ ଲୋକଙ୍କ ମାନବିକ ଅଧିକାର କ୍ଷୁଣ୍ଣ କରୁଛି।

- ନଟବର ବେହେରା, ସ୍ଥାନୀୟ ଅଞ୍ଚଳବାସୀ

### ଭୁବନେଶ୍ୱରକୁ ସ୍ମାର୍ଟସିଟି କାହିଁକି କୁହାଯାଉଛି



ସାଙ୍ଗମାନଙ୍କ ସହ ଘରଭଡ଼ା ନେଇ ସୈନିକ ସ୍କୁଲ ପାଖରେ ରହୁଛି। ହେଲେ ଏ ଦୁର୍ଗନ୍ଧରେ ଆଉ ବେଶିଦିନ ରହି ପାରିବି ନାହିଁ। ତେଣୁ ଅନ୍ୟ ଜାଗାରେ ଘର ଖୋଜୁଛି। ଯଦି ରାଜଧାନୀରେ ଦୁର୍ଗନ୍ଧ ପାଇଁ ଘର ବଦଳାଇବାକୁ ପଡ଼େ ତେବେ ଏହାକୁ ସ୍ମାର୍ଟସିଟି ଭାବେ କିପରି କୁହାଯାଇ ପାରିବ।

- ବିକାଶ କୁମାର, ସ୍ଥାନୀୟ ଅଞ୍ଚଳବାସୀ

### ଛୋଟପିଲା ଘରେ ବନ୍ଦୀ ହୋଇ ରହୁଛନ୍ତି



ଘରେ ଛୋଟପିଲା ବନ୍ଦୀ ଭାବେ ରହୁଛନ୍ତି। ଦୁର୍ଗନ୍ଧ ପାଇଁ ପୁଅକୁ ବାହାରକୁ ଖେଳିବାକୁ ଛାଡୁନି। ଆଖପାଖ ଲୋକଙ୍କୁ ଚର୍ମରୋଗ ହେଉଥିବା ଜାଣିବା ପରେ ବାହାରକୁ ଛାଡ଼ିବାକୁ ଡର ଲାଗୁଛି। ଘରକୁ ବନ୍ଧୁବାନ୍ଧବ ଆସିବାକୁ ରାଜି ହେଉନାହାନ୍ତି। ଆମେ ଏଭଳି ଜାଗାରେ ରହୁଛୁ ବୋଲି ନିଜକୁ ଖରାପ ଲାଗୁଛି।

- ଅଙ୍କିତା ବେହେରା, ସ୍ଥାନୀୟ ବାସିନ୍ଦା

### ରେଲ୍‌ୱେ ଷ୍ଟାଫ୍ ବେନିଫିଟ୍ କମ୍ୟୁନିଟି ହଲ୍ ସିଲ୍

**ଭୁବନେଶ୍ୱର, ୪।୧୨ (ବନ୍ଦନା ସେଠୀ)**
ସର୍ବସାଧାରଣ ସ୍ଥାନରେ ବର୍ଜ୍ୟ ପକାଇବା ଅଭିଯୋଗରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପୂର୍ବତଟ ରେଳପଥର କମ୍ୟୁନିଟି ସେଣ୍ଟର ପରିଚାଳନା ଅଧିକାରୀଙ୍କଠାରୁ ୧ଲକ୍ଷ ଟଙ୍କା ଜରିମାନା ଆଦାୟ କରିଛି। ଏଥିସହ ଏଣେତେଣେ ଓଦା ଓ ଶୁଖିଲା ବର୍ଜ୍ୟ ପକାଇଥିବା ମଞ୍ଚେଶ୍ୱରସ୍ଥିତ ରେଲ୍‌ୱେ ଷ୍ଟାଫ୍ ବେନିଫିଟ୍ କମ୍ୟୁନିଟ୍ ହଲକୁ କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତିରେ ସିଲ୍ କରାଯାଇଛି। ସୋମବାର କମିଶନର ଅଚାନକ ଭାବେ ୱାର୍ଡ ନଂ.୯ ଅଞ୍ଚଳ ପରିଦର୍ଶନରେ ଯାଇଥିଲେ। ରେଲ୍‌ୱେର ମଞ୍ଚେଶ୍ୱର ଅଞ୍ଚଳରେ ଥିବା କମ୍ୟୁନିଟ୍ ହଲ୍ ଓ ମାର୍କେଟ ଅଞ୍ଚଳ ପରିଦର୍ଶନ କରିବା ସମୟରେ ରାସ୍ତା କଡ଼ରେ ଓଦା, ଶୁଖିଲା ଓ ପ୍ଲାଷ୍ଟିକ ବର୍ଜ୍ୟ ବିକ୍ଷିପ୍ତ ଭାବେ ପଡି ରହିଥିବା ଦେଖିଥିଲେ। ଉକ୍ତ କମ୍ୟୁନିଟି ସେଣ୍ଟର ଦାୟିତ୍ୱରେ ଥିବା କର୍ମଚାରୀମାନେ ଖାମଖିଆଲି ଭାବେ ବର୍ଜ୍ୟ ପରିଚାଳନା କରୁଥିବା ପ୍ରତୀୟମାନ ହେବା ପରେ କମିଶନର ଘଟଣାସ୍ଥଳରେ ହିଁ ଉକ୍ତ କମ୍ୟୁନିଟ୍ ହଲ୍‌କୁ ସିଲ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସିଲ୍ ହେବାର ଦୀର୍ଘ ୧୦ ଘଣ୍ଟା ପରେ କମ୍ୟୁନିଟ୍ ହଲ୍ ପରିଚାଳନା କମିଟିର ସମ୍ପାଦକ ୧ ଲକ୍ଷ ଟଙ୍କା ବିଏମ୍‌ସିରେ ଜମା କରିବା ପରେ ବିଏମ୍‌ସି ପକ୍ଷରୁ ସିଲ୍ ଖୋଲା ଯାଇଥିଲା।

**୧ ଲକ୍ଷ ଟଙ୍କା ଜରିମାନା ଦେଇ ଖୋଲିଲେ ପରିଚାଳନା ଅଧିକାରୀ**

## କମଳାନେହେରୁରେ 'ନୂଆ ଓଡ଼ିଶା, ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସହ ଅନ୍ୟ ଅତିଥିମାନେ।

**ଭୁବନେଶ୍ୱର,୪।୧୨ (ଅନୁରାଧା ମହାରଣା)**
କମଳା ନେହେରୁ ମହିଳା ମହାବିଦ୍ୟାଳୟରେ 'ନୂଆଓଡ଼ିଶା, ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ମଧ୍ୟରେ କ୍ରୀଡା, ସାଂସ୍କୃତିକ ଏବଂ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସମ୍ମାନିତ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ପରିଚାଳନା ସମିତି ସଭାପତି ଶ୍ରୀକାନ୍ତ କୁମାର ମିଶ୍ର, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ଅଭିରାମ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟକ୍ଷା ଶୋଭା ଦାସ ସ୍ୱାଗତ ଭାଷଣ ଓ ନୋଡାଲ ଅଫିସର ପ୍ରାଧ୍ୟାପକ ଅଶୋକ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡକ୍ଟର ବେଦୁଲା ରାମଲକ୍ଷ୍ମୀ ମଞ୍ଚ ପରିଚାଳନା କରିଥିଲାବେଳେ ଅଧ୍ୟାପିକା ମଧୁସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଯୋଜନା ଜରିଆରେ ସଚେତନତା ସୃଷ୍ଟି ସହ ଛାତ୍ରୀଙ୍କ ମଧ୍ୟରେ କବିତା ଆବୃତ୍ତି, ଗଳ୍ପ, ବକ୍ତୃତା, ହୁଳହୁଳି, ଶଙ୍ଖବାଦ୍ୟ, ଯୋଗାସନ, ଏକକ ଅଭିନୟ, ମୁରୁଜ, ଓଡ଼ିଶୀ ନୃତ୍ୟ, ଖୋ ଖୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଜଲକ୍ଷ୍ମୀଦାସ, ଡ. ଗୀତାଞ୍ଜଳି ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

### ରେଡ୍ ସ୍ୱସ୍ତିକ ସୋସାଇଟି ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ସପ୍ତାହ

**ଭୁବନେଶ୍ୱର,୪।୧୨ (ଅନୁରାଧା ମହାରଣା)**
ରେଡ୍ ସ୍ୱସ୍ତିକ ସୋସାଇଟି ଓଡ଼ିଶା ଶାଖା ପକ୍ଷରୁ ରୋଟାରୀ କ୍ଲବ ଭୁବନେଶ୍ୱର ସହଯୋଗରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ସପ୍ତାହ ପାଳିତ ହୋଇଯାଇଛି। ଅତିଥିଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଆର୍‌ପିଏସ୍‌ସି ଭୁବନେଶ୍ୱରର ସିଇଓ କେ ମୁରୁଗେଶନ, ଏନ୍‌ସିସିଏ ସଭାପତି ଡ.ଅରୁଣ କୁମାର ରଥ,ଏସ୍‌ଆର୍‌ବି ଆସୋସିଏଟ୍ସର ସିଏ ଶରତ ଚନ୍ଦ୍ର ଭଦ୍ରା, ରୋଟାରୀ ଭୁବନେଶ୍ୱରର ଡିଷ୍ଟ୍ରିକ୍ଟ ଗଭର୍ନର ରୋଟାରିଆନ ଜୟଶ୍ରୀ ମହାନ୍ତି, ରୋଟାରୀ ଭୁବନେଶ୍ୱର ଡିଜିଇ ରୋଟାରିଆନ ଯଜ୍ଞାଶିଷ ମହାପାତ୍ରଙ୍କ ସହ ସ୍ୱସ୍ତିକ ସୋସାଇଟି ଓଡ଼ିଶା ଶାଖାର ସଭାପତି ବିଜୟ ଆଚାର୍ଯ୍ୟ ଓ ସଚିବ ତଥା କୋଷାଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୧୫ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ଓ କର୍କଟ ପୀଡ଼ିତ ପିଲାଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା।

## ନୀଳାଦ୍ରିବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା




**ଭୁବନେଶ୍ୱର, ୪।୧୨ (ବନ୍ଦନା ସେଠୀ)**
ନୀଳାଦ୍ରିବିହାର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଊନତ୍ରିଂଶ ତ୍ରିଦିବସୀୟ ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଦେବାଶିଷ ପରିଡା ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସରକାରୀ ଶିକ୍ଷା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଦେବେନ୍ଦ୍ରନାଥ ବେହେରା ଓ ଆନ୍ତର୍ଜାତିକ ମହିଳା କବାଡି ଖେଳାଳି ତଥା ପ୍ରଶିକ୍ଷିକା ରଶ୍ମିତା ସାହୁ ଯୋଗଦେଇଥିଲେ। ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ଶାରୀରିକ ଶିକ୍ଷାର ଆବଶ୍ୟକତା ରହିଛି। ତେଣୁ ନିୟମିତ ଶାରୀରିକ ବ୍ୟାୟାମ କରିବା ପାଇଁ ଡ. ବେହେରା ଆହ୍ୱାନ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସୂର୍ଯ୍ୟ ନମସ୍କାର, ଦଣ୍ଡ ବ୍ୟାୟାମ ଯୋଗ, ଯୋଗଚାପ, ଡମ୍‌ବେଲ, ପିରାମିଡ୍, ଆସନ ସହ ନୃତ୍ୟ କାର୍ଯ୍ୟକ୍ରମ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ବାର୍ଷିକ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ବରିଷ୍ଠ ଆଚାର୍ଯ୍ୟ ସୁରେଶ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କ୍ରୀଡ଼ା ସଂଯୋଜକ ନନ୍ଦ କିଶୋର ବିବରଣୀ ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟ କେଦାରନାଥ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନସେବା ଶିବିରରେ ଦିବ୍ୟାଙ୍ଗଙ୍କୁ ସହାୟତା

**ଭୁବନେଶ୍ୱର, ୪।୧୨(ଅସମାପିକା ସାହୁ)**
ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ରବିବାର ଖୋର୍ଦ୍ଧା ଜିଲା ଆଇନସେବା ପ୍ରାଧିକରଣ ଭୁବନେଶ୍ୱର ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବିଜେବି କଲେଜ ପରିସରରେ ଏକ ଭିନ୍ନକ୍ଷମ ଆଇନସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗମାନଙ୍କୁ ଦିବସ ପାଳନର ବାର୍ତ୍ତା ପ୍ରଦାନ ସହ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ସହାୟତା ଦିଆଯାଇଥିଲା। ମଧୁବାବୁ ପେନ୍‌ସନ୍ ଯୋଜନା ଅନ୍ତର୍ଗତ ୨୮ଜଣ ହିତାଧିକାରୀଙ୍କୁ ସହାୟତା ପ୍ରଦାନ, ୨୧ ଜଣଙ୍କୁ ବିବାହ ସହାୟତା, ୧୦ଟି ହ୍ୱିଲ୍‌ଚେୟାର, ୫ଟି ଟ୍ରାଇ-ସାଇକେଲ, ଗୋଟିଏ ଲାପଟପ୍, ଜଣଙ୍କୁ ବାଣୀଶ୍ରୀ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ହାଇକୋର୍ଟ ରେଜିଷ୍ଟ୍ରାର ପ୍ରତାପ ପାତ୍ର, ଆଇନ ସଚିବ ମାନସ ରଞ୍ଜନ ବାରିକ, ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ ସଦସ୍ୟ ସଚିବ ସୁଦୀପ୍ତ ଆଚାର୍ଯ୍ୟ, ଉପସଚିବ ସ୍ମୃତି ରଞ୍ଜନ ମହାପାତ୍ର ଏବଂ ସହସଚିବ ସୃଜନ ସାରସ୍ୱତ, ଖୋର୍ଦ୍ଧା ଜିଲା ଦୌରାଜଜ୍ ଓ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ନିଶିଥ ନିଶାଙ୍କ, ଖୋର୍ଦ୍ଧା ଜିଲାପାଳ ସୁଦର୍ଶନ ଚକ୍ରବର୍ତ୍ତୀ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ଭୁବନେଶ୍ୱର ବିଡିଓ ସାଗର ପାଳଙ୍କ ସମେତ ବହୁ ବିଚାର ବିଭାଗୀୟ ଅଧିକାରୀ, ଜିଲା ପ୍ରଶାସନିକ ଅଧିକାରୀ ଓ ପୋଲିସ ଅଧିକାରୀ ଯୋଗଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ୧୮ଟି ଷ୍ଟଲ ଖୋଲା ଯାଇଥିବାବେଳେ ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ ଷ୍ଟଲ ଖୋଲାଯାଇ ଜନସାଧାରଣଙ୍କୁ ବିଭିନ୍ନ ସରକାରୀ ସହାୟତାର ବିଧିବ୍ୟବସ୍ଥା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୌଦାମିନି ସିଂ ଧନ୍ୟବାଦ ଅର୍ପଣ କରିଥିଲେ।




ଶିବିରରେ ଜଣେ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରାଯାଉଛି।

### ବିଶ୍ୱାସରେ ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ ପରୀକ୍ଷା

**ଭୁବନେଶ୍ୱର,୪।୧୨(ଅନୁରାଧା ମହାରଣା)**
ପିତାପଲ୍ଲି ନିକଟସ୍ଥ 'ବିଶ୍ୱାସ' ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡିଶାର ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଓ ସମ୍ମାନିତ ଅତିଥି ଭାବେ ଗଣଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ବିଶ୍ୱାଳ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରୀକ୍ଷାରେ ବିବେକାନନ୍ଦ ବିଦ୍ୟାଳୟ କୁହୁଡି ଓ ସରକାରୀ ହାଇସ୍କୁଲ ଆରିକମା ଯୁଗ୍ମ ଭାବେ ପ୍ରଥମ, ସୋମନାଥ ହାଇ ସ୍କୁଲ ହରିରାଜପୁର ଜଟଣୀ ଓ କୃପାସିନ୍ଧୁ ହାଇସ୍କୁଲ ଗୋପୀନାଥପୁର ଯୁଗ୍ମ ଦ୍ୱିତୀୟ ଏବଂ ସରକାରୀ ହାଇସ୍କୁଲ ପଳାଶୁଣୀ ତୃତୀୟ ସ୍ଥାନରେ ରହିଛନ୍ତି।

## ଦିବ୍ୟାଙ୍ଗଙ୍କୁ ଆର୍ଥିକ ସହାୟତା ପ୍ରଦାନ




ମନ୍ତ୍ରୀ ପ୍ରତାପ ଦେବ ଓ ଅନ୍ୟ ଅତିଥିମାନେ ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ସହାୟତା ବାବଦକୁ ଚେକ୍ ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୪।୧୨ (ବନ୍ଦନା ସେଠୀ)**
ରିହା ଫାଉଣ୍ଡେଶନ, ଆମ ପରିବାର ଓ ୱାରିସ୍ ଫାଉଣ୍ଡେଶନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କର୍କଟ ରୋଗୀ ଓ ଦିବ୍ୟାଙ୍ଗମାନଙ୍କୁ ଆର୍ଥିକ ସହାୟତା ସହ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ ଦେବ, ବିଧାୟକ ଅନନ୍ତ ନାରାୟଣ ଜେନା, ନିଶିକାନ୍ତ ମିଶ୍ର, ମୀରା ପରିଡ଼ା, ପ୍ରକାଶ ନାୟକ, ଅଜୟ ନାୟକ, ୟୁନିୟନ୍ ବ୍ୟାଙ୍କ ଚିଫ୍ ମ୍ୟାନେଜର ଖଗେଶ୍ୱର ଚୌଧୁରୀ ଯୋଗଦେଇଥିଲେ। ସଭାପରେ ଆମ ପରିବାର ସଙ୍ଗୀତ ସର୍‌ଗମ୍ ପକ୍ଷରୁ କୁମାର ସାନୁ ଓ ସୋନୁ ନିଗମ୍‌ଙ୍କ ଗୀତଗୁଡିକୁ ପିନାକୀ ମହାପାତ୍ର, ଉମେଶ ସେନାପତି, ସ୍ମାରକ ଦାସ, ଶଶାଙ୍କ ସାହୁ ପ୍ରମୁଖ ପରିବେଷଣ କରିଥିଲେ। ଡା. ନଳୀନ କୁମାର ପଟ୍ଟନାୟକ, ରିହା ଫାଉଣ୍ଡେଶନ ଉପଦେଷ୍ଟା ଲୋରା ମହାପାତ୍ର, ଜୟଶ୍ରୀ ଗୌଡ଼, ଡା. ବାସନ୍ତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶୁଭଜିତ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବସ୍‌ରେ ଆସି ବାଇକ୍ ଚୋରି

**ଧରାପଡିଲା ୩ ଜଣିଆ ଗ୍ୟାଙ୍ଗ, ୨୩ ବାଇକ୍ ଜବତ**

**ଭୁବନେଶ୍ୱର,୪।୧୨ (ସୂର୍ଯ୍ୟକାନ୍ତ ବେହେରା)**





ବସ୍‌ରେ ଆସି ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରୁ ବାଇକ ଚୋରି କରି ଚମ୍ପଟ ମାରୁଥିବା ଏକ ୩ଜଣିଆ ଗ୍ୟାଙ୍ଗକୁ ଖଣ୍ଡଗିରି ଥାନା ପୋଲିସ ଧରିଛି। ଗ୍ୟାଙ୍ଗ୍‌ର ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନୟାଗଡ଼ ରଣପୁରର ପ୍ରଶାନ୍ତ କୁମାର ଭୋଇ, ସୁନୀଲ କୁମାର ମଲ୍ଲ ଓ ଖୋର୍ଦ୍ଧା ଜଙ୍କିଆ ଅଞ୍ଚଳର ହର ପ୍ରସାଦ ଦାଶ। ସେମାନଙ୍କଠାରୁ ବିଭିନ୍ନ କମ୍ପାନୀର ୨୩ଟି ଗାଡି ଜବତ ହୋଇଛି। ତେବେ ଅଭିଯୁକ୍ତମାନେ ଅଧିକାଂଶ ବୁଲେଟକୁ ଟାର୍ଗେଟ କରି ଚୋରି କରୁଥିବା ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ରାଜଧାନୀ ସମେତ ନୟାଗଡ଼ରେ ମଧ୍ୟ ସକ୍ରିୟ ଥିଲେ। ବିଭିନ୍ନ ଅଞ୍ଚଳରୁ ଚୋରି କରି ଆଣିଥିବା ସମସ୍ତ ଗାଡିକୁ ଏକାଠି କରି ଏକ ବଣୁଆ ସ୍ଥାନରେ ଲୁଚାଇ ରଖୁଥିଲେ। ପରେ ସେଗୁଡିକୁ ୨୫ ହଜାରରୁ ୮୦ ହଜାର ଟଙ୍କା ମଧ୍ୟରେ ଲୋକଙ୍କୁ ବିକ୍ରି କରୁଥିଲେ। ଏହି ଗ୍ୟାଙ୍ଗର କେତେଜଣ ସଦସ୍ୟ କାମ କରୁଛନ୍ତି, କେଉଁ କେଉଁ ଅଞ୍ଚଳରେ ଚୋରି କରି କେଉଁଠି ବିକିଛନ୍ତି, ସେନେଇ ଅଧିକ ତଥ୍ୟ ଜାଣିବା ପାଇଁ ପୋଲିସ ସେମାନଙ୍କୁ ଖୁବ୍‌ଶୀଘ୍ର ରିମାଣ୍ଡରେ ଆଣିବାକୁ ଯୋଜନା କରୁଛି। ସୂଚନାଯୋଗ୍ୟ, ଗତ ୩ଦିନ ତଳେ କ୍ୟାପିଟାଲ ଥାନା ପୋଲିସ ୨ ଅଭିଯୁକ୍ତଙ୍କଠାରୁ ୧୪ଟି ମୋଟରସାଇକେଲ ଜବତ କରିଥିଲା।

# 'ନଦୀର ସ୍ୱଚ୍ଛତା ସମସ୍ତଙ୍କ ଦାୟିତ୍ୱ'

କଟକ,୪।୧୨ (କାର୍ତ୍ତିକ ସାହୁ)


ବାଲିଯାତ୍ରା ତଳପଡ଼ିଆ ମହାନଦୀତଟ ନିକଟରେ ରାଜ୍ୟପାଳ ରଘୁବର ଦାସ ଆଳତି କରୁଛନ୍ତି।

ଅତୀତର ଗୌରବମୟ ନୌବାଣିଜ୍ୟ ପରମ୍ପରା ଓ ସମୃଦ୍ଧ କଳିଙ୍ଗର ଇତିହାସକୁ ବାଲିଯାତ୍ରା ମନେ ପକାଇଥାଏ। ଓଡ଼ିଶାରେ ସାମର୍ଥ୍ୟ, ସମ୍ଭାବନା ଓ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଆଗାମୀ ଦିନରେ ଓଡ଼ିଶା ବିକଶିତ ତାରା ଭଳି ଚମକିବ ବୋଲି ନିଃସନ୍ଦେହରେ କୁହାଯାଇପାରେ। ନଦୀ ଆମର ମାଆ ସମାନ। ଏହାର ସ୍ୱଚ୍ଛତା ସମସ୍ତଙ୍କର ଦାୟିତ୍ୱ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି।

ବାଲିଯାତ୍ରା ତଳପଡ଼ିଆର ଗଣକବି ବୈଷ୍ଣବ ପାଣି ମଞ୍ଚରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ କହିଲେ, ସାମାଜିକ ଜୀବନର ଏକ ଶକ୍ତି ହେଉଛି ଉତ୍ସବ। ମନୁଷ୍ୟ ଜୀବନରେ ଉତ୍ସବର ଏକ ବିଶେଷ ମହତ୍ତ୍ୱ ରହିଛି। କଳିଙ୍ଗର ସାହସୀ ସାଧବପୁଅମାନେ କଳା, ସଂସ୍କୃତି, ପରମ୍ପରା ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ମହାକବି କାଳିଦାସଙ୍କ ରଘୁବଂଶମ୍‌ରେ କଳିଙ୍ଗର ବାଣିଜ୍ୟ ଓ ବାଲିଯାତ୍ରା ବିଷୟରେ ଉଲ୍ଲେଖ ଅଛି। ୨୦୨୨ ଜି-୨୦ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ କଟକ ବାଲିଯାତ୍ରା ଉପରେ ଚର୍ଚ୍ଚା କରିଥିଲେ। ବାଲିଦ୍ୱୀପରେ ରହୁଥିବା ପ୍ରବାସୀ ଭାରତୀୟମାନଙ୍କ ସହ କଟକ ବାଲିଯାତ୍ରା ଉପରେ ଆଲୋଚନା କରି ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ବାଲିଯାତ୍ରା ଏସିଆ ମହାଦେଶରେ ବଡ଼ ବାଣିଜ୍ୟ ମେଳା ବୋଲି କୁହାଯାଏ। ରାଜ୍ୟର କୋଣ ଅନୁକୋଣରୁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଆସି ବାଲିଯାତ୍ରାରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରୟ କରି ସ୍ୱାବଲମ୍ବୀ ହୋଇପାରୁଛନ୍ତି। ଏହା ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ମହତ୍ତ୍ୱକୁ ପ୍ରତିପାଦିତ କରୁଛି ବୋଲି ରାଜ୍ୟପାଳ କହିଛନ୍ତି।

ମୁଖ୍ୟ ବକ୍ତା ଭାବେ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ, ସିଏମ୍‌ସି ମେୟର ସୁବାସ ସିଂହ, କଟକ ଡିସିପି ପିନାକ ମିଶ୍ର, ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ ଯୋଗଦେଇ ଐତିହାସିକ କଟକ ବାଲିଯାତ୍ରାର ଗରିମାମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ଜିଲାପାଳ ନରହରି ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବାଲିଯାତ୍ରା ଆୟୋଜନରେ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉମାକାନ୍ତ ରାଜ ଧନ୍ୟବାଦ ଦେଇଥିଲେ।

## ଅକ୍ଷୟ ସଙ୍ଗୀତ, ବିହୁ ନୃତ୍ୟରେ ଦର୍ଶକ ବିଭୋର


କଳାକାରମାନେ ବିହୁ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

**ବାଲିଯାତ୍ରାର ଅଷ୍ଟମ ଦିନ**

କଟକ, ୪।୧୨ (ଶିଳ୍ପା ପ୍ରିୟଦର୍ଶିନୀ)

ବାଲିଯାତ୍ରା ମହୋତ୍ସବର ଅଷ୍ଟମ ସନ୍ଧ୍ୟାରେ ସୋମବାର ଅକ୍ଷୟ ମହାନ୍ତି ମଞ୍ଚରେ ଓଲିଉଡ଼ କଣ୍ଠଶିଳ୍ପୀ ବିଷ୍ଣୁମୋହନ କବିଙ୍କ ଗୀତରେ ମଞ୍ଚ ଦୁଲୁକିଛି। ସେ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ 'ଯାଯାବର' ଗୀତରୁ ଓଲିଉଡ଼ ନାଇଟ ଆରମ୍ଭ କରିଥିବାବେଳେ ପରେ 'ଚିଠି ମୋର ଟିକି ଚଢେଇ' ପରି ଅନେକ ମନଛୁଆଁ ଗୀତ ପରିବେଷଣ କରିଥିଲେ। ପରେ ଏସିପି କୃଷ୍ଣଚନ୍ଦ୍ର ସାହୁ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରାରମ୍ଭରୁ ପୁରୀ ବାବା ଆଖଣ୍ଡଳମଣି ନବପ୍ରତିଭା ସଙ୍ଗୀତ ଶିକ୍ଷା କେନ୍ଦ୍ର ପକ୍ଷରୁ ଓଡିଶୀ ନୃତ୍ୟ, ଖୋର୍ଦ୍ଧା ମୂର୍ଚ୍ଛନା ପକ୍ଷରୁ ଗୋଟିପୁଅ ନୃତ୍ୟ, ନୟାଗଡ଼ ମା' ରାମଚଣ୍ଡୀ ଧୁଡୁକି ନୃତ୍ୟ ପକ୍ଷରୁ ଧୁଡୁକି ନୃତ୍ୟ, କଟକ ସାଷ୍ଟମ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଆଦିବାସୀ ଲୋକନୃତ୍ୟ, କଟକ ନୃତ୍ୟ ମନ୍ଦିର ପକ୍ଷରୁ ଲୋକ ନୃତ୍ୟ, କେନ୍ଦ୍ରାପଡ଼ା ଗଡ଼ମେକର ପକ୍ଷରୁ କ୍ରିଷ୍ଣଲୀଳା, କଟକ ନୃତ୍ୟ ଭାରତୀ ପକ୍ଷରୁ ଆଦିବାସୀ ନୃତ୍ୟ, କଟକ ବ୍ଲୁ ଆଣ୍ଡ ବ୍ରାଇଟ ଇନର ଟ୍ୟାଲେଣ୍ଟ ଏକାଡେମୀ ପକ୍ଷରୁ କାଞ୍ଚି ଅଭିଯାନ, କଟକ ନୃତ୍ୟ ଜ୍ୟୋତି ପକ୍ଷରୁ ଯୁଗଳବନ୍ଦୀ ନୃତ୍ୟ ପରିବେଷଣ କରାଯାଇଛି। ଓଲିଉଡ଼ ନାଇଟରେ କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀଙ୍କ 'କାଉ ଧାନ ଖାଇଲା ବୋଲି', 'ରାମାରେ ରାମା' ଗୀତରେ ଦର୍ଶକ ଝୁମିଥିବାବେଳେ ଆସାମ କଳାରତ୍ନମ ଆଶ୍ରମର ବିହୁ ନୃତ୍ୟ ଆକର୍ଷଣ ପାଲଟିଥିଲା। କଟକର ମା' ମଙ୍ଗଳା ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, କଲିକତା ଶ୍ରୀଜାନି ପକ୍ଷରୁ ଆଶାଦୋ ମା ସାଦ ଗମୟ, କଟକ ସଙ୍ଗୀତା କଥକ ଡ୍ୟାନ୍ସ ଏକାଡେମୀ ପକ୍ଷରୁ କଥକ ଯୁଗଳବନ୍ଦୀ, ରୂପା ଆଣ୍ଡ ଗ୍ରୁପ ପକ୍ଷରୁ ଓଡିଶୀ ନୃତ୍ୟ, ସପ୍ତର୍ଷୀ ରାଏ ଆଣ୍ଡ ଗ୍ରୁପ ଓଡିଶୀ ନୃତ୍ୟ, ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନାଚନ୍ତି ସାଙ୍ଗେ ଶ୍ରୀହରି ଦାସ ଅବତାର, କଟକ ଶିବାଜୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସମ୍ବଲପୁରୀ ଲୋକନୃତ୍ୟ, କଟକ ନୃତ୍ୟ ମୟୂରୀ କ୍ରିଷ୍ଣା ତୁବୟମଃ ନମଃ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।


ବାଲିଯାତ୍ରା ତଳପଡ଼ିଆ ପଲ୍ଲିଶ୍ରୀ ମେଳା ପରିସରରେ ମହୀଶୂରରୁ ଆସିଥିବା କତାରେ ପ୍ରସ୍ତୁତ ହସ୍ତକଳା ଓ ହାତୀକୁ ମହିଳାମାନେ ଦେଖୁଛନ୍ତି।


ବାଲିଯାତ୍ରା ତଳପଡ଼ିଆ ପଲ୍ଲିଶ୍ରୀ ମେଳାରେ ହସ୍ତ ନିର୍ମିତ ଗୃହସଜ୍ଜା ଉପକରଣକୁ ମହିଳାମାନେ ଦେଖୁଛନ୍ତି।


କଟକ ବାଲିଯାତ୍ରାର ମୁଖ୍ୟ ପ୍ରାୟୋଜକ 'ଭାରତ ମସଲା'କୁ କଟକ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଆୟୋଜିତ ଏକ ସମ୍ମାନ ସମାରୋହ ଉତ୍ସବରେ ରାଜ୍ୟପାଳ ରଘୁବର ଦାସ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପଣ୍ଡାଙ୍କୁ ସମ୍ମାନିତ କରିଛନ୍ତି। ନିକଟରେ ଉପସ୍ଥିତ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, କଟକ ମେୟର ସୁବାସ ଚନ୍ଦ୍ର ସିଂ ଓ ଅନ୍ୟମାନେ।



ବାଲିଯାତ୍ରା ଉପର ପଡ଼ିଆରେ ଫ୍ରିଡମ୍ ଅଏଲର ସର୍ବବୃହତ ଷ୍ଟଲ୍‌ଠାରେ ଗୃହିଣୀଙ୍କ ଭିଡ଼ ଲାଗୁଛି, କାରଣ ବାଲିଯାତ୍ରା ଉପଲକ୍ଷେ ଫ୍ରିଡମ୍ ପକ୍ଷରୁ ଆକର୍ଷଣୀୟ ରିହାତି ଓ ସୁବିଧା ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଫ୍ରିଡମ୍ ଅଏଲର ଓଡ଼ିଶା ହେଡ ଅମୀୟ ଧଳ ଓ ମହିଳା(ଗୃହିଣୀ) ଗ୍ରାହକମାନେ ଉପସ୍ଥିତ ଅଛନ୍ତି।



ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କଟକ ବାଲିଯାତ୍ରା ପଡ଼ିଆରେ ରୁଚି ଫୁଡ୍ ଲାଇନର ସହଯୋଗୀ ସଂସ୍ଥା 'ରୁଚି ଫ୍ରୋଜିଟ ଓ ଫାର୍ମ ବି' ପକ୍ଷରୁ ଏକ ଆକର୍ଷଣୀୟ ଫୁଡ୍ କୋର୍ଟ ଖୋଲାଯାଇଛି। ଉକ୍ତ ଫୁଡ୍ କୋର୍ଟରେ ଗ୍ରାହକଙ୍କ ଭିଡ଼ ବାଲିଯାତ୍ରାର ଉତ୍ସାହକୁ ଦ୍ୱିଗୁଣିତ କରିଛି।

## ହେଲମେଟ୍ ପିନ୍ଧିଥିବା ଚାଳକଙ୍କୁ ଗୋଲାପ



ହେଲମେଟ୍ ପିନ୍ଧିଥିବା ଚାଳକଙ୍କୁ ଗୋଲାପ ଉପହାର ଦିଆଯାଉଛି।

କଣ୍ଟାପଡା,୪।୧୨(ସୁରନାରାୟଣ ସାହୁ)

ରାଜ୍ୟ ସରକାରଙ୍କ ପକ୍ଷରୁ ଡିସେମ୍ବର ୧ରୁ ୮ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଶୂନ୍ୟ ଦୁର୍ଘଟଣା ସପ୍ତାହ ପାଳନ ହେଉଛି। ସୋମବାର ଗୋବିନ୍ଦପୁର ଥାନା ପକ୍ଷରୁ ସ୍ଥାନୀୟ ଗୋବିନ୍ଦପୁର ବଜାରରେ ଶୂନ୍ୟ ଦୁର୍ଘଟଣା ସପ୍ତାହ ପାଳିତ ହୋଇଯାଇଛି। ଗୋବିନ୍ଦପୁର ଥାନା ଆଇଆଇସି ରବିନାରାୟଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋବିନ୍ଦପୁର କଲେଜର ଛାତ୍ରୀଛାତ୍ର, ଅଞ୍ଚଳର ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ ଯୋଗଦେଇ ମୁଣ୍ଡରେ ହେଲମେଟ ଓ ସିଟବେଲ୍ଟ ଭିଡି ଗାଡି ଚଳାଉଥିବା ଚାଳକଙ୍କୁ ଗୋଲାପ ଫୁଲଦେଇ ସ୍ୱାଗତ କରିଥିଲେ। ସେହିପରି ଏହାକୁ ବ୍ୟତିକ୍ରମ କରି ଅମାନିଆ ଭାବେ ଗାଡ଼ି ଚଳାଉଥିବା ଚାଳକଙ୍କୁ ଅଟକାଇ ହେଲମେଟ ପିନ୍ଧି ଗାଡ଼ି ଚଳାଇବାକୁ ପରାମର୍ଶ ଦେଉଥିଲେ। ହେଲମେଟ ନ ପିନ୍ଧି ଗାଡ଼ି ଚଳାଇଲେ କି ପ୍ରକାର ଦଣ୍ଡ ବ୍ୟବସ୍ଥା ରହିଛି ସେ ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମକୁ ଗୋବିନ୍ଦପୁର ଥାନାର କର୍ମଚାରୀମାନେ ପରିଚାଳନା କରିଥିଲେ।

## ବିଜେଡି ଡମପଡ଼ା ବ୍ଲକ ସାଧାରଣ ସମ୍ପାଦକ ଦଳରୁ ବହିଷ୍କୃତ

ବାଙ୍କୀ, ୪।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ବିଜୁ ଯୁବଜନତାଦଳର ସାଧାରଣ ସମ୍ପାଦକ ଅଜୟ ସ୍ୱାଇଁ (କୁଶୁପଙ୍ଗି)ଙ୍କ ବିରୋଧରେ ଦଳବିରୋଧି କାର୍ଯ୍ୟ ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତାଙ୍କୁ ବିଜେଡ଼ିର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ କରାଯାଇଛି ବୋଲି ଡମପଡ଼ା ବ୍ଲକ ବିଜେଡି ସଭାପତି ଭାଗୀରଥି ପାଣି ବିଜ୍ଞପ୍ତି ଜରିଆରେ କରିଛନ୍ତି।

## କଟକ ଜିଲା ଭାଜପାର ନୂତନ ପଦାଧିକାରୀ ବୈଠକ

ମଗ୍ଗୁଳି-ଜଗତପୁର,୪।୧୨(ମାନସ ସାମଲ):

ଜଗତପୁରସ୍ଥିତ ଭାଜପା କାର୍ଯ୍ୟାଳୟଠାରେ କଟକ ଜିଲା ଭାଜପାର ନବ ନିଯୁକ୍ତ ପଦାଧିକାରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସାଧାରଣ ସମ୍ପାଦକ ରାମ ନାରାୟଣ ମହାନ୍ତିଙ୍କ ସଂଯୋଜନାରେ ଏହି ବୈଠକ ହୋଇଥିଲା। କଟକ ଜିଲା ଭାଜପା ସଭାପତି ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ ସମସ୍ତ ପଦାଧିକାରୀଙ୍କୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ଦଳକୁ ତୃଣମୂଳସ୍ତରରୁ ଅଧିକ ମଜଭୁତ କରିବାକୁ ଗୁରୁମନ୍ତ୍ର ଦେଇଥିଲେ। ରାଜ୍ୟ ସରକାରଙ୍କ ଜନ ବିରୋଧୀ ନୀତି ବିରୋଧରେ ବୁଥ ସ୍ତର ପର୍ଯ୍ୟନ୍ତ ଲଢ଼େଇ କରିବାକୁ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଥିଲେ। ଅଜୟ ମୁଦୁଲି, ପ୍ରଦୀପ ପଟ୍ଟନାୟକ, ଉପସଭାପତି ବିଭୁଦତ୍ତ ପଟ୍ଟନାୟକ, ମନୋରଞ୍ଜନ ନାୟକ, ଧନେଶ୍ୱର ନାୟକ, ପ୍ରଭାସ ରାଉତ, ନିର୍ମଳ ଦାସ, ପ୍ରଶାନ୍ତ ହୋତା, ବୈରାଗୀ ପ୍ରଧାନ, ସ୍ମୃତିରଞ୍ଜନ ମହାନ୍ତି, ଲକ୍ଷ୍ମୀଧର ନାଥ ପ୍ରମୁଖଙ୍କ ସମେତ ସମସ୍ତ ନବ ମନୋନୀତ ପଦାଧିକାରୀ ଯୋଗଦେଇଥିଲେ।

## ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ପୁରୁଷ ଖୋ-ଖୋ ଟୁର୍ନାମେଣ୍ଟ ଆରମ୍ଭ

ବାଙ୍କୀ,୪।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ରୀଡ଼ା ପ୍ରାଙ୍ଗଣରେ ୨ ଦିନ ବ୍ୟାପୀ ହେବାକୁ ଥିବା ପୁରୁଷ ଖୋ-ଖୋ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟ ନାମକୁ ସର୍ବଭାରତୀୟସ୍ତରରେ ସୁନାମ କରିବା ପାଇଁ କ୍ରୀଡ଼ାପ୍ରତିଯୋଗୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ପ୍ରତିଯୋଗିତାରେ ୧୨ ମହାବିଦ୍ୟାଳୟ ଭାଗନେଇଛନ୍ତି। ଉଦ୍‌ଘାଟନୀଉତ୍ସବରେ କଲେଜ କ୍ରୀଡ଼ା କ୍ଲବର ଉପସଭାପତି ଅଧ୍ୟାପକ ଯୁଗଳକିଶୋର ମଣ୍ଡଳ ସଭାପତିତ୍ୱ କରିଥିବା ବେଳେ ପ୍ରଶାସନିକ ଅଧିକାରୀ ଶୈଳେନ୍ଦ୍ର ଚନ୍ଦ୍ର ଦେଓ ସ୍ୱାଗତଭାଷଣଦେଇଥିଲେ। କ୍ରୀଡ଼ାଅଧ୍ୟାପକ ରବିନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଟୁର୍ନାମେଣ୍ଟରେ ନିରଞ୍ଜନ ସାହୁ, ଦିଲୀପ ସ୍ୱାଇଁ ପ୍ରମୁଖ ସହାୟତା କରିଥିଲେ।

## କୃଷକଙ୍କ ଉନ୍ନତିରେ ଦେଶର ଅଭିବୃଦ୍ଧି


ଅତିଥିଙ୍କ ଗହଣରେ ହିତାଧିକାରୀ।

ସାଲେପୁର, ୪।୧୨(ଅରବିନ୍ଦ ଭୂୟାଁ)

ସାଲେପୁର ମଧୁସୂଦନ ଭବନରେ ଆତ୍ମା କମିଟି ପକ୍ଷରୁ କୃଷକ, ଗୋପାଳକ ଓ ମତ୍ସ୍ୟ ଚାଷୀମାନଙ୍କୁ ବିଭିନ୍ନ ପ୍ରକାର ଉପକରଣ ଓ ଆର୍ଥିକ ପ୍ରୋତ୍ସାହନ ରାଶି ବଣ୍ଟନ କରାଯାଇଛି। ଆତ୍ମା କମିଟି ସଭାପତି ଦିଲୀପ କୁମାର ଦାଶଙ୍କ ସଭାପତିତ୍ୱରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ କୃଷକଙ୍କ ଉନ୍ନତି ହେଲେ ଦେଶ ତଥା ରାଜ୍ୟର ଅଭିବୃଦ୍ଧି ହେବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ୯ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ପ୍ରୋତ୍ସାହନ, ଦୁଗ୍ଧ ଉପକରଣ ଆଦି ପ୍ରଦାନ କରାଯାଇଥିଲା। ସେହିପରି ୧୩ସ୍ୱୟଂ ସହାୟକ ଗୋଷ୍ଠୀକୁ ମତ୍ସ୍ୟ ଚାଷ ପାଇଁ ସବ୍‌ସିଡି ଏବଂ ୭୦ ଗୋପାଳକ ଚାଷୀଙ୍କୁ କ୍ଷୀରକେନ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ମତ୍ସ୍ୟ ଚିକିତ୍ସା ଅଧିକାରୀ ଡ. ଇତିଶ୍ରୀ ରଥ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଅଭିମନ୍ୟୁ ସାହୁ, ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ମିଶନ ଶକ୍ତି ସଭାନେତ୍ରୀ ତୃପ୍ତି ରେଖା ପରିଡା, ସାଲେପୁର ମଣ୍ଡଳ ପ୍ରାଣୀ ଚିକିତ୍ସାଧିକାରୀ ଡା. ଦୀପକ କୁମାର ସେନାପତି, ମଣ୍ଡଳ କୃଷି ଅଧିକାରୀ ସୂର୍ଯ୍ୟକାନ୍ତ ସେଠୀ, ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ରବିନାରାୟଣ ସାହୁ, ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସାଧିକାରୀ ଡାକ୍ତର ରାକେଶ ବେହେରା, ଅତିରିକ୍ତ ଚିକିତ୍ସାଧିକାରୀ ଡାକ୍ତର ସୁବାସିନୀ ମଲ୍ଲିକ, ସରପଞ୍ଚ ପବିତ୍ର ସାମଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରାଯାଇଥିଲା।

## ଜୁଡୋରେ ଚୌଦ୍ୱାରକୁ ୯ ପଦକ

ଚୌଦ୍ୱାର,୪।୧୨(ଆଶୁତୋଷ ଦାସ):


ଜୁଡୋରେ ପଦକ ହାସଲ କରିଥିବା ଛାତ୍ରୀଛାତ୍ର।

ଗୁଜରାଟର ସୁରଟଠାରେ ଅନୁଷ୍ଠିତ ଜାତୀୟ ଜୁନିୟର ଜୁଡୋ ମିଟ୍‌ରେ ଭାଗ ନେଇଥିବା ଚୌଦ୍ୱାର ଜୁଡୋ ଏକାଡେମୀର ୯ ଜଣ ପ୍ରତିଯୋଗୀ ମୋଟ ୯ଟି ପଦକ ଜିତି ସଫଳତା ହାସଲ କରିଛନ୍ତି। ଚୌଦ୍ୱାର ଏକାଡେମୀର ପ୍ରଶିକ୍ଷକ ମୃତ୍ୟୁଞ୍ଜୟ ଯାଦବଙ୍କ ନେତୃତ୍ୱରେ ଚୌଦ୍ୱାର ଅଞ୍ଚଳରୁ ଯାଇଥିବା ୯ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ରିୟାଂଶ ପ୍ରଧାନ ୩ଟି ସ୍ୱର୍ଣ୍ଣ, ଏସ୍.କେ. ଏରଫାନ୍ ୨ଟି ତାମ୍ର, ସତ୍ୟ ସଂଗ୍ରାମ ଖୁଣ୍ଟିଆ ୧ଟି ରୌପ୍ୟ ଓ ୨ଟି ତାମ୍ର, ଏସ୍.କେ. ସମସେର ଅଲ୍ଲୀ ୧ଟି ରୌପ୍ୟ ଓ ୧ଟି ତାମ୍ର ଏବଂ ମଞ୍ଜୁ କୁମାରୀ ଯାଦବ, ନିଶିଥ କୁମାର ରଥ, ସାଇ ସଂକେତ ଓ ବିଶ୍ୱଜିତ ବେହେରା ଗୋଟିଏ ଲେଖାଏଁ ତାମ୍ର ପଦକ ହାସଲ କରିଛନ୍ତି। ଚୌଦ୍ୱାରର ପିଲାମାନେ ଜାତୀୟସ୍ତରରେ ନିଜର ଉତ୍କର୍ଷତା ପ୍ରତିପାଦନ କରି ଚୌଦ୍ୱାର, କଟକ ତଥା ଓଡ଼ିଶା ପାଇଁ ଗୌରବ ଆଣିଥିବାରୁ ଏକାଡେମୀ ତରଫରୁ ସମସ୍ତ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସୂଚନାଯୋଗ୍ୟ, ଗତ ନଭେମ୍ବର ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ଆୟୋଜିତ ଏହି ଜାତୀୟ ପ୍ରତିଯୋଗିତାରେ ୨୮ଟି ରାଜ୍ୟରୁ ମୋଟ ୪ହଜାର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଜୁଡୋ ଆସୋସିଏସନ୍‌ର ସମ୍ପାଦକ ନିତାଇ ଶଙ୍କର ତୁଆଙ୍କ ନେତୃତ୍ୱରେ ଓଡ଼ିଶାରୁ ମୋଟ ୪୭ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ମଙ୍ଗଳା ମନ୍ଦିରରୁ ଚୋରି

ଟାଙ୍ଗୀ,୪।୧୨(ରଘୁନାଥ ସାହୁ)
ଚାନ୍ଦପୁର ଥାନା ଅନ୍ତର୍ଗତ ଗୌରଚନ୍ଦ୍ରପୁର ଗ୍ରାମରେ ଥିବା ମଙ୍ଗଳା ମନ୍ଦିରରୁ ଚୋରି ହୋଇଥିବା ନେଇ ପୂଜକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୂଜାକାର୍ଯ୍ୟ ସାରି ପୂଜକ କାର୍ତ୍ତିକ ବେହେରା ରବିବାର ରାତିରେ ତାଲା ପକାଇ ଯାଇଥିଲେ। ମନ୍ଦିରର ତାଲା ଭଙ୍ଗାଯିବା ସହ ମା'ଙ୍କ ହାର, କିରୀଟ, ଶାଳଗ୍ରାମ, ନାଗ, ୧୦ଟି ଘଣ୍ଟି ଚୋରି ହୋଇଥିବା ନେଇ ପୂଜକ ସୋମବାର ସକାଳେ ଦେଖିବାକୁ ପାଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି।

### ଖୋଟ ଅଖାବସ୍ତା ପାଇଁ ଚାଷୀଙ୍କୁ ୨୦ ଟଙ୍କା ଦେବେ ମିଲର

ବୋଲଗଡ଼,୪।୧୨(ଦେବବ୍ରତ ହୋତା)
ଧାନ ଫସଲ ଅମଳ ଚାଲିଥିବା ବେଳେ ଡିସେମ୍ବର ଶେଷ ସପ୍ତାହରୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲାଯିବ। ତେବେ ଏହି ମଣ୍ଡିକୁ ଧାନ ଆଣୁଥିବା ଚାଷୀମାନେ ବିଗତ ଦିନରେ ବସ୍ତାର ମୂଲ୍ୟ ପାଇବା ନେଇ ଦ୍ୱନ୍ଦ୍ୱରେ ପଡୁଥିଲେ। କିନ୍ତୁ ଏବେ ଚାଷୀମାନେ ୫୦ କିଗ୍ରା ଖୋଟଅଖା ବସ୍ତାରେ ଧାନ ଦେବେ। ଧାନ କିଣୁଥିବା ମିଲର ବସ୍ତା ପିଛା ୨୦ ଟଙ୍କା ଲେଖାଏ ପୈଠ କରିବେ। ମଣ୍ଡିରେ ଧାନ ଦେବାବେଳେ ତୁରନ୍ତ ଅଖାବସ୍ତା ଦାମ୍ ଚାଷୀଙ୍କୁ ମିଲର ପୈଠ କରିବେ ବୋଲି ରାଜସୁନାଖଳାଠାରେ ଥିବା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ବୋଲଗଡ଼ ବ୍ଲକ ଶାଖାର ସମବାୟ କର୍ମଚାରୀଙ୍କ ବୈଠକରେ ନିଷ୍ପତ୍ତି ହୋଇଥିବା ସମବାୟ ସମିତି ଡାଇରେକ୍ଟର ପ୍ରକାଶ ଚନ୍ଦ୍ର ରାଉତରାୟ କହିଛନ୍ତି। ବ୍ଲକ ଅଞ୍ଚଳର ଚାଷୀମାନେ ଖୋଟଅଖା ବସ୍ତାରେ ଧାନ ମଣ୍ଡିକୁ ଆଣିବା ପାଇଁ ନିବେଦନ କରାଯାଇଛି। ଏତଦ୍‌ବ୍ୟତୀତ କଟ୍‌ନିଛଟ୍‌ନି ମଧ୍ୟ ହେବନାହିଁ। ଯଦି କୌଣସି ମଣ୍ଡିରେ ବ୍ୟତିକ୍ରମ ଦେଖାଦିଏ ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବାର ନିଷ୍ପତ୍ତି ହୋଇଛି ବୋଲି ରାଉତରାୟ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏନେଇ ମିଲରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ବନଦୁର୍ଗାଙ୍କ ପୀଠରେ ଆଧ୍ୟାତ୍ମିକ ଆଲୋଚନାଚକ୍ର

ନିରାକାରପୁର,୪।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)
ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତସ୍ଥିତ ମା'ବନଦୁର୍ଗାଙ୍କ ପୀଠରେ ବକୁ ଉଚ୍ଚ ବିଦ୍ୟାଳୟର ୧୯୭୪ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ପରସ୍ପର ଭାବବିନିମୟ କରିବା ସହିତ ପଶ୍ଚିମ ବଙ୍ଗଳା ମାୟାପୁରୀର ମୁଖ୍ୟ ପୁରୁଷୋତ୍ତମ ମହାରାଜ ଯୋଗଦେଇ ଆଧ୍ୟାତ୍ମିକ ବିଷୟରେ ଦିଗ୍‌ଦର୍ଶନ ଦେଇଥିଲେ। ଅବକ୍ଷୟମୁଖୀ ସନାତନ ଧର୍ମ ଓ ସଂସ୍କୃତି କିଭଳି ସୁରକ୍ଷିତ ହୋଇପାରିବ ସେ ବିଷୟରେ ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର ନିଜର ମତବ୍ୟକ୍ତ କରିଥିଲେ। ମା'ବନଦୁର୍ଗାଙ୍କ ପୂଜାର୍ଚ୍ଚନା କରି ବିଶ୍ୱର କଲ୍ୟାଣ ମନାସିଥିଲେ।

# ଯନ୍ତ୍ରପାତି ମେଳା ଦ୍ୱାରା କୃଷି ଉତ୍ପାଦନ ବୃଦ୍ଧି ପାଇଛି

ଖୋର୍ଦ୍ଧା,୪।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାସ୍ତରୀୟ କୃଷିଯନ୍ତ୍ରପାତି ମେଳା-୨୦୨୩ ସୋମବାର ହାବେଳି ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ଶରତ କୁମାର ପରିଡା ପ୍ରଥମେ ସମସ୍ତ ଅତିଥିଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏହି କୃଷିଯନ୍ତ୍ରପାତି ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ

**ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ**


ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କୃଷି ଯନ୍ତ୍ରପାତି ମେଳାକୁ ଉଦ୍‌ଘାଟନ କରୁଛନ୍ତି।

ଓ ଅତିଥିମାନେ ମେଳାରେ ପଡିଥିବା ସମସ୍ତ କୃଷିଯନ୍ତ୍ରପାତି ଷ୍ଟଲ ପରିଦର୍ଶନ କରିବା ସହିତ ଉପସ୍ଥିତ ଅଗ୍ରଣୀ ଚାଷୀମାନଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। ଏହି ଅବସରେ ମନ୍ତ୍ରୀ ସ୍ୱାଇଁ କହିଥିଲେ, ଏହି କୃଷି ଯନ୍ତ୍ରପାତି ମେଳା ସବୁ ଜିଲାରେ ହେବା ଦ୍ୱାରା ଓଡ଼ିଶାରେ କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇବା ସହିତ ଧାନ ରପ୍ତାନି ପାଇଁ ଯୋଗ୍ୟ ହୋଇପାରିଛି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓଡ଼ିଶାର କୃଷକମାନଙ୍କୁ ଆଗକୁ ନେବା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରୁଛନ୍ତି। ଏହି ମେଳାରେ ୬୦ଟି ଷ୍ଟଲ୍‌ରେ ବିଭିନ୍ନ କମ୍ପାନୀର କୃଷିଯନ୍ତ୍ରପାତି ପ୍ରଦର୍ଶିତ ହେବା ସହିତ କୃଷି ବିଭାଗ, ପ୍ରାଣୀ ବିଭାଗ, ମୃତ୍ତିକା ବିଭାଗ, ମତ୍ସ୍ୟ ବିଭାଗର ସଚେତନତା ଷ୍ଟଲ୍ ପଡିଥିଲା। ସୋମବାର ଦୁଇଟି ବ୍ଲକର ୧୦୦ ଜଣ ଚାଷୀଙ୍କୁ ନେଇ କୃଷି ପାଠଶାଳା କରାଯାଇଥିଲା। କୃଷି ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିବା ବେଳେ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିଜେଡିର ଜନସମ୍ପର୍କ ପଦଯାତ୍ରା


ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉଦ୍‌ବୋଧନ ଦେଉଛନ୍ତି।

ବେଗୁନିଆ,୪।୧୨(ହରପ୍ରସନ୍ନ ପଣ୍ଡା)

ପାଖେଇ ଆସୁଛି ୨୦୨୪ ସାଧାରଣ ନିର୍ବାଚନ। ବିଭିନ୍ନ ଦଳ ପକ୍ଷରୁ ଆରମ୍ଭ ହେଲାଣି ଦଳୀୟ ରଣନୀତି। ସବୁଠି ଦଳୀୟ ନେତାମାନେ ନିଜ ନିଜର କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ବିଜେଡି ପକ୍ଷରୁ ବେଗୁନିଆ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସିକୋ, ଶଗଡ଼ଭଙ୍ଗା ଓ ହଜ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଜେଡିର ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷିକା ତଥା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ଜିଲା ସହ ପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର, ପର୍ଯ୍ୟବେକ୍ଷକ ରଘୁନାଥ ଲେଙ୍କା, ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର, ବିଜୁ ଛାତ୍ର ଜନତା ଦଳର ମହାସଚିବ ଇପ୍ସିତା ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ଜିଲା ପରିଷଦ ସଭ୍ୟ ଅନାଦି ସାହୁ, ତନୁଜା ପାଇଶାଣୀ ଓ ପ୍ରକାଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ସରପଞ୍ଚ, ସମିତି ସଭ୍ୟାସଭ୍ୟ ସହଯୋଗ କରିଥିଲେ। ଆଗକୁ କିପରି ମହିଳା ସଶକ୍ତୀକରଣ ବୃଦ୍ଧି ପାଇବ ଏବଂ ବିଜେଡିର ସଙ୍ଗଠନ ମଜଭୁତ ହେବ ସେନେଇ ଆଲୋକପାତ କରାଯାଇଥିଲା। ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା।

# ଯୁବପିଢ଼ିଙ୍କ ମନକୁ ଛୁଇଁଛି ଡିଜିଟାଲ କଳା



ଡିଜିଟାଲ କଳା ପ୍ରତିଯୋଗିତାରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ରମାନେ।

ବେଗୁନିଆ,୪।୧୨(ହର ପ୍ରସନ୍ନ ପଣ୍ଡା)
ଆଧୁନିକ ଯୁଗରେ ଯୁବପିଢି ଏବେ ଆଉ ପୁରାତନ କଳାକୁ ମନ ବଳାଉ ନାହାନ୍ତି। ଡିଜିଟାଲ କଳାକୁ ଆଦରି ନେଉଛନ୍ତି। ବେଗୁନିଆ ମହାବିଦ୍ୟାଳୟ ପରିସରରେ ସୋମବାର ସମନ୍ୱିତ ଯୁବ ବିକାଶ ବିଭାଗ ଆନୁକୂଲ୍ୟରେ ଆୟୋଜିତ ସାଂସ୍କୃତିକ ସମାରୋହରେ ଉପସ୍ଥିତ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମ ସଂଯୋଜକ ବିଧୁଭୂଷଣ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ଦାୟିତ୍ୱରେ ଥିବା ଅଧ୍ୟକ୍ଷ ବ୍ରଜେନ୍ଦ୍ର କୁମାର ପାଲଟାସିଂହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ବିଭାଗୀୟ ମୁଖ୍ୟ ଜୟକୃଷ୍ଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ଯୁକ୍ତ ୩ ଓ ଯୁକ୍ତ ୨ବର୍ଷର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଚିତ୍ରାଙ୍କନ, ଝୋଟି, ଡିଜିଟାଲ ଆର୍ଟ ପ୍ରସ୍ତୁତି, ଚିତ୍ର ଉତ୍ତୋଳନ, କ୍ଷୁଦ୍ର ଚଳଚ୍ଚିତ୍ର ପ୍ରସ୍ତୁତି ଆଦି ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ନିଜର କଳା ପ୍ରଦର୍ଶନ କରିଥିଲେ। ଛାତ୍ରଙ୍କ ମଧ୍ୟରେ ଠାକୁର ପ୍ରସାଦ ସାହୁ, ରାକେଶ ସାହୁ, ବାବଦ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିବା ବେଳେ ଛାତ୍ରୀଙ୍କ ମଧ୍ୟରେ ଜ୍ୟୋତିନା ପ୍ରଧାନ, ସନ୍ଧ୍ୟାରାଣୀ ବେହେରା, ଶ୍ରାବଣୀ ପାତ୍ର, ଗାୟତ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସ୍ମୃତିମୟୀ ବସନ୍ତିଆ, ପ୍ରିୟମ୍ବଦା ବେହେରା, ଦିବ୍ୟଜ୍ୟୋତି ରାୟ, ଆଦିତ୍ୟ ସେନାପତି ଏବଂ ସଂଗ୍ରାମ କେଶରୀ ଜୟସିଂହ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଚେସ୍, କ୍ୟାରମ୍ ପ୍ରତିଯୋଗିତା

ବେଗୁନିଆ,୪।୧୨(ହରପ୍ରସନ୍ନ ପଣ୍ଡା)
ବେଗୁନିଆ ମହାବିଦ୍ୟାଳୟରେ ଯୁକ୍ତ୨ ଓ ଯୁକ୍ତ୩ ସ୍ତରୀୟ ମହିଳା ଏବଂ ପୁରୁଷ ବର୍ଗରେ କ୍ୟାରମ୍ ଓ ଚେସ୍ ପ୍ରତିଯୋଗିତା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ବ୍ରଜେନ୍ଦ୍ର କୁମାର ପାଲଟାସିଂହ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଇୱାଇଡିପିର ସଂଯୋଜକ ଅଧ୍ୟାପକ ବିଧୁଭୂଷଣ ରାଉତ, କ୍ରୀଡ଼ା ପ୍ରତିଯୋଗିତା ମୁଖ୍ୟ ଡ. ସତ୍ୟଜିତ ଦାସ, ଅଧ୍ୟାପକ ନବକିଶୋର ବିଶୋଇ, କ୍ରୀଡ଼ା ପ୍ରଶିକ୍ଷକ ସୂର୍ଯ୍ୟମଣି ମାଝି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଚେସ୍ ଓ କ୍ୟାରମ ପ୍ରତିଯୋଗିତାରେ ୧ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେଇଥିଲେ। ସ୍ୱେଚ୍ଛାସେବୀ ପ୍ରଶାନ୍ତ ଜେନା, ଦୀପକ ମାଝୀ, ପି. ଅନନ୍ତ, ପ୍ରିୟଦର୍ଶିନୀ ମହାପାତ୍ର, ଲିପି ସେଠୀ, ସୁପ୍ରଭା ପାତ୍ର, ପ୍ରଦୀପ ଜେନା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ୧୭ରୁ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବୋଲଗଡ଼,୪।୧୨(ଦେବବ୍ରତ ହୋତା)
ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାର କ୍ରିକେଟ ଟିମ୍ ଅଂଶଗ୍ରହଣ କରିବେ। ଚଳିତବର୍ଷ ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୭ ତାରିଖରେ ଆରମ୍ଭ ହୋଇ ଜାନୁୟାରୀ ୧ ପର୍ଯ୍ୟନ୍ତ ଚାଲିବ। ଶାନ୍ତିଶୃଙ୍ଖଳାର ସହ ମ୍ୟାଚ୍ ପରିଚାଳନା ପାଇଁ ନିଷ୍ପତ୍ତି ହୋଇଛି। ପ୍ରତ୍ୟେକ ମ୍ୟାଚ୍‌ରେ ନିମନ୍ତ୍ରିତ ଅତିଥି ଓ କଳାକାରମାନେ ଯୋଗଦେବେ।

## ଶିକ୍ଷକଙ୍କ ବିୟୋଗରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଟାଙ୍ଗୀ,୪।୧୨(ରଘୁନାଥ ସାହୁ)
ଆଦର୍ଶ ବିଦ୍ୟାଳୟର ଯୁବ ବିଜ୍ଞାନ ଶିକ୍ଷକ ସୂର୍ଯ୍ୟ ନାରାୟଣ ରଥଙ୍କ ଗତ ୨୯ ତାରିଖ ସନ୍ଧ୍ୟାରେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ସୋମବାର ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବଳରାମ ଦେବ ମନ୍ଦିରଠାରୁ ବାହାରି ଗ୍ରାମ ପରିକ୍ରମା କରିଥିଲା। ସରପଞ୍ଚ କିଶୋର କୁମାର ବେହେରା, ମଦର ଟେରେସା ସେବା ସଂଘ ସଭାପତି ବସନ୍ତ ସେଠୀଙ୍କ ସମେତ ବହୁ ସହପାଠୀ, ଯୁବକ ସାମିଲ ହୋଇଥିଲେ।

# କର୍ମନିଯୁକ୍ତି ଜାତୀୟ କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥି।

ନିରାକାରପୁର,୪।୧୨
(ମାନସ ଚନ୍ଦ୍ର ପଟ୍ଟନାୟକ)
ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ସୋମବାର କର୍ମନିଯୁକ୍ତି ଜାତୀୟ କର୍ମଶାଳା ଅନୁଷ୍ଠାନର ଅଧ୍ୟାପକ ଶରତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମହାବିଦ୍ୟାଳୟର ବାଣିଜ୍ୟ, କଳା ଓ ବିଜ୍ଞାନ ବିଭାଗରେ ଅଧ୍ୟୟନରତ ଅନ୍ତିମବର୍ଷ ଡିଗ୍ରୀ ଛାତ୍ରୀଛାତ୍ର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସିକ୍ୟୁରିଟିଜ୍ ମାର୍କେଟ୍ସ(ଏନ୍‌ଆଇଏସ୍‌ଏମ୍) ସହଯୋଗରେ ଫାଇନାନ୍ସିଆଲ ଲିଟେରାସୀ ଏବଂ କ୍ୟାରିୟର କାଉନ୍‌ସେଲିଂ ବିଷୟରେ ପ୍ରଶିକ୍ଷଣ ଲାଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା ବ୍ରତତୀ ମିଶ୍ର, ଅଧ୍ୟାପକ ଡ. ପ୍ରଭାତ କୁମାର ଦାଶ, ଚନ୍ଦନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାନ୍ସ ଆଣ୍ଡ ବ୍ୟାଙ୍କିଙ୍ଗ୍ ସର୍ଭିସେସ୍‌ର ଜେନେରାଲ ମ୍ୟାନେଜର ଗୋଲକ ବିହାରୀ ମହାପାତ୍ର, ଜୟପୁର ଭେଷଜ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୃଥ୍ୱୀରାଜ ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# 'ଶିକ୍ଷା, କ୍ରୀଡ଼ା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ'



ବୋଲଗଡ଼,୪।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଭୀମପଡ଼ାସ୍ଥିତ ଗିଭ୍ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏନେଇ ଆୟୋଜିତ ସମାରୋହରେ ବିଦ୍ୟାଳୟର ସଭାପତି ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୁରେନ୍ଦ୍ର ବେହେରା ଯୋଗଦେଇ କହିଥିଲେ, ଶିକ୍ଷା ଓ କ୍ରୀଡ଼ା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଏବଂ ଗୋଟିଏ ବିନା ଅନ୍ୟଟି ଅଧୁରା ହେତୁ ପ୍ରତ୍ୟେକ ବିଦ୍ୟାଳୟରେ କ୍ରୀଡ଼ାକୁ ସାମିଲ କରାଯାଇଛି। କ୍ରୀଡ଼ା ଛାତ୍ରୀଛାତ୍ରଙ୍କୁ ଅଧିକ ଫୁର୍ତ୍ତି ଓ ମନୋବଳ ଯୋଗାଇଥାଏ। ସମ୍ମାନିତ ଅତିଥିଭାବେ ସମ୍ପାଦକ ମହମ୍ମଦ ଆଜାଦ ଯୋଗଦେଇଥିଲେ। ଉପାଧ୍ୟକ୍ଷ ପ୍ରିୟବ୍ରତ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରମୋଦିନୀ ମହାପାତ୍ର, ଭାରତୀ ସ୍ୱାଇଁ ଓ ପ୍ରଭାସ ଷଡ଼ଙ୍ଗୀ ମଞ୍ଚ ପରିଚାଳନା କରିଥିଲେ। ସନାତନ ପରିଡ଼ା ଓ ବବୁଲ ମହାପାତ୍ର କ୍ରୀଡ଼ା ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷରେ ମନସ୍ୱିନୀ ମାନସିଂ ଧନ୍ୟବାଦ ଦେଇଥିଲେ।

# 'ବାଲ୍ୟ ବିବାହକୁ ନା, ପାଠକୁ ହଁ' ପଥପ୍ରାନ୍ତ ନାଟକ

ବେଗୁନିଆ,୪।୧୨(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ପଞ୍ଚାୟତ ଅନ୍ତର୍ଗତ ପୋଷ୍ୟ ଗ୍ରାମଭାବେ ପରିଗଣିତ ଭୂଇଁପୁର ଆଦିବାସୀ ସାହି ମଣ୍ଡପ ପରିସରରେ ସୋମବାର ବାଲ୍ୟ ବିବାହ ଉଚ୍ଛେଦ ସମ୍ପର୍କରେ ସଚେତନତା ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ପ୍ରାୟୋଜିତ ଯୁବ ବିକାଶ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ବେଗୁନିଆ ମହାବିଦ୍ୟାଳୟର ଯୁକ୍ତ ୩ବର୍ଷର ଛାତ୍ରୀଛାତ୍ରମାନେ 'ବାଲ୍ୟ ବିବାହକୁ ନା, ପାଠକୁ ହଁ' ବିଷୟରେ ନାଟକ ପରିବେଷଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଯୋଗେଶ୍ୱର ବଳିଆରସିଂହ, ଉତ୍କଳିକା ସାହୁ, ସୋନମ ମହାନ୍ତି, ବିଷ୍ଣୁପ୍ରିୟା ବଳବନ୍ତରାୟ, ସୋନାଲି ବଳବନ୍ତରାୟ, ମିତାଲି ପ୍ରିୟଦର୍ଶିନୀ, ସୁପ୍ରଭା ପାତ୍ର, ସ୍ୱପ୍ନେଶ୍ୱର ପ୍ରଧାନ ପ୍ରମୁଖ ନାଟକରେ ଅଭିନୟ କରିଥିଲେ। ବାଲ୍ୟ ବିବାହକୁ ସମାଜରୁ ମୂଳପୋଛ କରିବା, ବାଲ୍ୟ ବିବାହ ମାନସିକ, ଶାରୀରିକ ଓ ସାମାଜିକ ବିକାଶରେ ବାଧା ସୃଷ୍ଟି କରେ। ତେଣୁ ବାଲ୍ୟ ବିବାହ କରିବା ନାହିଁ କି କାହାକୁ କରିବାକୁ ଦେବା ନାହିଁ ବୋଲି ନାଟକର ଉପକ୍ରମ ରହିଥିଲା। ସାମାଜିକ କାର୍ଯ୍ୟକ୍ରମର ମୁଖ୍ୟ ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଅଧ୍ୟକ୍ଷ ବ୍ରଜେନ୍ଦ୍ର କୁମାର ପାଲଟାସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଭୂଇଁପୁର ୱାର୍ଡସଭ୍ୟ ବାବୁଲି ନାୟକ, ଅଧ୍ୟାପକ ବିଧୁଭୂଷଣ ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅଧ୍ୟାପକ ଉମେଶ କୁମାର ମହନ୍ତ, ଅଧ୍ୟାପିକା ଦେବଯାନୀ ପାଇକରାୟ, ନମିତା ମହାରଣା, ସଂଗ୍ରାମ ଜୟସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

# ଆନ୍ତଃ ମହାବିଦ୍ୟାଳୟ ଚେସ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଜଟଣୀ,୪।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ମହାବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତଃ ମହାବିଦ୍ୟାଳୟ ଚେସ୍ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୨୦ଟି ମହାବିଦ୍ୟାଳୟର ପୁରୁଷ ଖେଳାଳି ଭାଗନେଇଥିଲେ। ଟୁର୍ଣ୍ଣାମେଣ୍ଟରେ ବିଜେବି ଅଟୋନୋମସ୍ ମହାବିଦ୍ୟାଳୟ ଦଳଗତ ଭାବେ ପୁରୁଷ ବିଭାଗରେ ଚାମ୍ପିୟନ ହୋଇଥିବା ବେଳେ ଏଚ୍‌ଏସ୍‌ଏମ୍ ମହାବିଦ୍ୟାଳୟ କଟକ ରନର୍ସଅପ୍ ହୋଇଥିଲା। ସେହିପରି ବାଳିକା ବିଭାଗରେ ଭୁବନେଶ୍ୱରର ଅଭିନ୍ନ ଚନ୍ଦ୍ର ଚାମ୍ପିୟନ ଏବଂ ଏସ୍‌ଭି ନିର୍ତାର ରନର୍ସଅପ୍ ହୋଇଥିଲା। ଦେବାଶିଷ ପାଣିଗ୍ରାହୀ, ସୁରେଶ ଚନ୍ଦ୍ର ବଳିୟାରସିଂ, ଅବିନାଶ ବଳିୟାରସିଂ, ବେଣୁଧର ଦାସ, ପ୍ରବୀର ମହାନ୍ତି, ଅବନୀ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ଜଟଣୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରାଜୀବ କର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ବିଜୟୀ ଦଳଙ୍କୁ ପୁରସ୍କୃତ କରାଯାଇଥିଲା।



# ପାଲିକରି ଫସଲ ଜଗୁଛନ୍ତି ଗ୍ରାମବାସୀ

ନିରାକାରପୁର,୪।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିଚାଲିଛି। ସନ୍ଧ୍ୟାହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଘର ଓ ପାଚେରି ମଧ୍ୟ ଭାଙ୍ଗୁଛନ୍ତି। ହାତୀ ଭୟରେ ଗ୍ରାମ୍ୟରାସ୍ତା ଶୂନ୍‌ଶାନ ହୋଇପଡୁଛି। ଏପରିକି ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ମଧ୍ୟ ଯାଉଛି। ଗୋଳବାଇ ଅଞ୍ଚଳରେ ୨୩ଟି ହାତୀ ରହିଛନ୍ତି। ତେବେ ଧାନ ଫସଲ ସୁରକ୍ଷା ପାଇଁ ଗ୍ରାମବାସୀ ପାଲିକରି ନିଆଁ ଜାଳି ଜଗୁଛନ୍ତି ବୋଲି ଗୋଳବାଇ ଚାଷୀ କମିଟି ସଭାପତି ରମାକାନ୍ତ ଜେନା, ସମ୍ପାଦକ ସୁବାସ ଚନ୍ଦ୍ର କୁଣ୍ଡୁ

**ଗୋଳବାଇରେ ୨୩ ଟିକିଆ ହାତୀପଲ**



ଓ ଉପସଭାପତି ନିଧି କଳସ ପ୍ରମୁଖ କହିଛନ୍ତି। ହାତୀ ଉପଦ୍ରବ ନେଇ ବନ ବିଭାଗକୁ ସୂଚନା ଦେଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଗୋଳବାଇ ପଞ୍ଚାୟତର ବିଜେଡି ସଭାପତି କଣ୍ଟୁରି ସାମନ୍ତରାୟ କହିଛନ୍ତି। ତେବେ ବନ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ କିମ୍ବା ହାତୀପଲକୁ ଘଉଡ଼ାଇବା ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଧାନ ଅମଳକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ଚଳିତବର୍ଷ ଗୋଳବାଇ ପଞ୍ଚାୟତ ଅଞ୍ଚଳରେ ପ୍ରାୟ ଦେଢ଼ଶହ ଏକର କ୍ଷେତରେ ଧାନଫସଲ ହୋଇଛି। ହେଲେ ଅମଳ ବେଳକୁ ହାତୀପଲକୁ ଦେଖି ଚିନ୍ତା ପଡ଼ିଥିବା ଚାଷୀ ପଦ୍ମନାଭ ସାହୁ କହିଛନ୍ତି। ଏ ସମ୍ପର୍କରେ ଭୂଷଣ୍ଡପୁର ଫରେଷ୍ଟର ପ୍ରଶାନ୍ତ କୁମାର ଦାଶ କହିଛନ୍ତି, ଅଦ୍ୟାବଧି ଗୋଳବାଇ ଅଞ୍ଚଳରେ ୨୩ଟି ହାତୀ ଅଛନ୍ତି। ସେମାନଙ୍କ ଗତିପଥକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

**ଜଳିଗଲା ଇ-ବାଇକ୍**

ପିପିଲି,(ଦୁର୍ଗା ମାଧବ ମିଶ୍ର)- ପିପିଲି ହାଟଛକ ନିକଟରେ ଥିବା ଏକ ଇ-ବାଇକ୍ ସୋମବାର ହଠାତ୍ ଜଳିଯାଇଛି। ସେଠାରେ ଥିବା ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୋମବାର ଅପରାହ୍ନ ୫ଟା ୩୦ ସମୟରେ ଅଜିମ୍ ମହମ୍ମଦ ୮ ମାସ ତଳେ କିଣିଥିବା ଓକିନାମା ଇ-ବାଇକ୍ (ଓଡ଼ି୧୩-ଏସ୍-୭୯୧୯)କୁ ପିପିଲି ହାଟଛକ ଚର୍ଚ୍ଚ ସାମ୍ନାରେ ରଖି କୌଣସି କାମରେ ଠିଆ ହୋଇଥିଲେ। ସେହି ସମୟରେ ହଠାତ୍ ଗାଡ଼ିରେ ନିଆଁ ଲାଗିଯାଇ ଜଳିବାକୁ ଲାଗିଲା। ଏହା ଦେଖି ଅଜିମ୍ ସେଠାରୁ ଦୂରକୁ ପଳାଇଯାଇଥିଲେ। ଖବରପାଇ ପିପିଲି ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବାବେଳେ ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏନେଇ ପିପିଲି ଥାନାରେ ଅଜିମ୍ ଲିଖିତ ଅଭିଯୋଗ କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୪।୧୨।୨୦୨୩

| | |
|---|---|
| ୩,୫୦,୯୬୩ ଟଙ୍କା | |
| ସୁନା | ୦.୩୫୦ ଗ୍ରାମ୍ |
| ରୁପା | ୮୪.୭୦୦ ଗ୍ରାମ୍ |

# ସତ୍ୟଜିତ, ବିକ୍ରମ ହାତେଇଲେ ଟାଇଟଲ୍

**ୟୁନିଭର୍ସାଲ ଲିଜେଣ୍ଡ କ୍ଲାସିକ ପ୍ରୋ ଲିଗ୍ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା**

ପୁରୀ,୪।୧୨(ଅଜିତ୍ ମହାନ୍ତି):

ନୀଳାଦ୍ରି ବିଚ୍ ପାର୍କରେ ୟୁନିଭର୍ସାଲ ଲିଜେଣ୍ଡ କ୍ଲାସିକ ପ୍ରୋ ଲିଗ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ବଡି ବିଲ୍ଡିଂ ଫିଟ୍‌ନେସ୍ ଆସୋସିଏଶନ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ପୁରୀରେ ଏହା ଅନୁଷ୍ଠିତ ହୋଇଥିବା ବେଳେ ଏହାକୁ ଅନେକ ଦର୍ଶକ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମକୁ ବିଜୁ ଯୁବ ଜନତା ଦଳ ଉପସଭାପତି ସୁନୀଲ ମହାନ୍ତି ଉଦ୍‌ଘାଟନ କରିଥିବାବେଳେ ଡବ୍ଲ୍ୟୁଏଫ୍‌ଏଫ୍‌ର ଭାରତ ମୁଖ୍ୟ ଧୀରଜ ମୋହନ ଦାଶ, ୱାର୍ଲଡ ଫିଟନେସ ଫେଡେରେଶନର ଓଡ଼ିଶା ସଭାପତି ରଞ୍ଜନ ମହାନ୍ତି ଓ ଚିଫ୍ ପାଟର୍ନ ଗୌରୀ ଶଙ୍କର ସିଂହାରୀ ଉପସ୍ଥିତ ଥିଲେ। ୱାର୍ଲଡ ଫିଟନେସ ଫେଡେରେଶନ ସହିତ ସହବନ୍ଧିତା ରହିଥିବା କଳିଙ୍ଗ ବଡି ବିଲ୍ଡିଂ ଫିଟନେସ ଆସୋସିଏଶନ ପକ୍ଷରୁ ଏହି ପ୍ରତିଯୋଗିତା ପ୍ରଥମ ଥର ପାଇଁ ପୁରୀରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୪ଟି ରାଜ୍ୟରୁ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେଇଥିଲେ। ଯେଉଁଥିରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସତ୍ୟଜିତ ପ୍ରତିହାରୀ, ବରମୁଡା ମଡେଲରେ ବିକ୍ରମ କୁଅଁର ଓଭରାଲ ଚାମ୍ପିୟନ ହୋଇଥିବା ବେଳେ ପ୍ରୋକାର୍ଡ ହାତେଇଛନ୍ତି। ଓମେନ ବିକିନିରେ ଜ୍ଞାନାଞ୍ଜଳି ସାହୁ, ଅଣ୍ଡର ୭୦ କେଜିରେ ରାମେଶ୍ୱର ବିଶୋଇ ଓ ଗ୍ଲାମରରେ ମଧୁସ୍ମିତା ରଥ ପ୍ରୋକାର୍ଡ ହାତେଇଛନ୍ତି। ଏମାନେ ଇଣ୍ଟରନ୍ୟାଶନାଲ ଇଭେଣ୍ଟରେ ଭାଗ ନେଇପାରିବେ। ଏଥିସହ ବିଭିନ୍ନ ବର୍ଗ ଯଥା ମେନ୍ସ ବଡିବିଲଡିଂ ୭୦ ଓ ଊର୍ଦ୍ଧ୍ୱ ୭୦ କେଜି, ବରମୁଡା ବିଚ୍ ମଡେଲ, ଡେନିମ ଜିନ୍ସ ୭୦ ଓ ତଦୂର୍ଦ୍ଧ୍ୱ ସହ ଓମେନ୍ସ କ୍ଲାସିକ ଓ ଗ୍ଲାମରରେ ୧୮ଜଣ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସୁନ୍ଦର ସ୍ୱାସ୍ଥ୍ୟରେ ଚାମ୍ପିୟନଙ୍କୁ ଏକ ଲକ୍ଷ ଓ ବରମୁଡା ଚାମ୍ପିୟନଙ୍କୁ ୫୦ହଜାର ଟଙ୍କା ଦିଆଯାଇଥିବା ବେଳେ ଅନ୍ୟାନ୍ୟ ବର୍ଗଙ୍କୁ ୩୦ ଓ ୨୦ ହଜାର ଟଙ୍କା ଦିଆଯାଇଥିଲା। ମୋଟ ଖେଳାଳିଙ୍କୁ ୧୦ ଲକ୍ଷ ଟଙ୍କା ନଗଦ ଅର୍ଥରାଶି ପୁରସ୍କାର, ପ୍ରୋ କାର୍ଡ, ଇଣ୍ଟରନ୍ୟାଶନାଲ ଲେବୁଲ ଟ୍ରଫି, ମେଡାଲ ଦିଆଯାଇଛି। ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ମିଷ୍ଟର ଓ ମିସ୍ ଇଣ୍ଡିଆ ରାଜସ୍ଥାନ, ବିକ୍ରମ କ୍ଲାସିକ, ସ୍କ୍ୱାଡ୍ କପ୍ ମିଷ୍ଟର ଓ ମିସ୍ ପୁରୀ, ମସଲ ମାନିଆ ଓ ମିଷ୍ଟର ଓ ମିସ୍ ଓଡ଼ିଶା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ସଞ୍ଜୀବ ରଥଶର୍ମା, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ବେହେରା, ସାଧାରଣ ପରିଷଦର ସଦସ୍ୟ ସନ୍ତୋଷ ଆଢ୍ୟ, ଚିତ୍ତ ରଞ୍ଜନ ବେହେରା, ସ୍ୱାଧୀନ ଷଡ଼ଙ୍ଗୀ, ଭବାନୀ ଶଙ୍କର ସାହୁ ଉପସ୍ଥିତ ଥିଲେ।



ବିଜେତାଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି ।

## 'ଅବହେଳିତ ଶିଶୁଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ଉଦ୍ୟମ କର'

ପୁରୀ, ୪।୧୨(ଅଜିତ୍ ମହାନ୍ତି)

ଆପଦମିତ୍ରମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆପଦମିତ୍ରମାନେ ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭ କରି ରଥଯାତ୍ରା ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ସହଯୋଗ ଯୋଗାଇଥାନ୍ତି। ସେମାନଙ୍କ ମାଧ୍ୟମରେ ଶିଶୁମାନଙ୍କ ଶିକ୍ଷା ଓ ସୁରକ୍ଷାକୁ ସୁନିଶ୍ଚିତ କରିବା ସହଜ ହୋଇପାରିବ। ତେଣୁ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ମାଧ୍ୟମରେ ଦକ୍ଷତା ବୃଦ୍ଧି କରିବାକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ପରାମର୍ଶ ଦେଇଛନ୍ତି। ସୋମବାର ୟୁଥ ହଷ୍ଟେଲ ସମ୍ମିଳନୀ ଗୃହରେ ଜିଲା ପ୍ରଶାସନ ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ବିଭିନ୍ନ ବିପର୍ଯ୍ୟୟ ସମୟରେ ଶିଶୁମାନଙ୍କୁ ସୁରକ୍ଷା ଓ ସହଯୋଗ ସମ୍ପର୍କରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହୁ ପ୍ରତ୍ୟେକଙ୍କ ମଧ୍ୟରେ ଆଧାତ୍ମିକ ଓ ମାନବୀୟ ମୂଲ୍ୟବୋଧର ଜାଗରଣ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ଶିଶୁଙ୍କୁ ଦେବଶିଶୁ ବୋଲି କୁହାଯାଏ। ଶିଶୁ ମଧ୍ୟରେ ପ୍ରତିଭା ଲୁକ୍କାୟିତ ଭାବେ ରହିଥାଏ। ତେଣୁ ଆମେ ପ୍ରତ୍ୟେକେ ମିଶି ଅବହେଳାର ଶିକାର ହେଉଥିବା ଶିଶୁଙ୍କର ସୁରକ୍ଷିତ ଭବିଷ୍ୟତ ପାଇଁ ଉଦ୍ୟମ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଶିଶୁ କଲ୍ୟାଣ କମିଟି ସଦସ୍ୟ ରୁଧିସୁନ୍ଦର ମିଶ୍ର, ଉପେନ୍ଦ୍ର କୁମାର ବିଶ୍ୱାଳ, ଅତିରିକ୍ତ ଶ୍ରମ ଅଧିକାରୀ ବିକ୍ରମ କେଶରୀ ପ୍ରଧାନ, ଜିଲା ଜରୁରୀ ବିଭାଗ ପ୍ରକଳ୍ପ ଅଧିକାରୀ ସୁକାନ୍ତ କୁମାର ଦାଶ, ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଆନୁଷ୍ଠାନିକ ଯତ୍ନ ଓ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ ଓ ଆପଦମିତ୍ରମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଶିଶୁ ସୁରକ୍ଷା ସାମାଜିକ କର୍ମୀ କମଳା ମହାରଣା, ଶକୁନ୍ତଳା ପଟ୍ଟନାୟକ ଏବଂ ଅନ୍ୟ ସଦସ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଗୋପ, ୪।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯାଉଛି। ସାଧାରଣ ଲୋକଙ୍କଠାରୁ ଯେ କୌଣସି ଅଭିଯୋଗ ଆସୁଛି ସଙ୍ଗେ ସଙ୍ଗେ ତା'ର ସତ୍ୟାସତ୍ୟ ଅନୁସନ୍ଧାନ କରାଯାଇ ପଦକ୍ଷେପ ନିଆଯାଉଛି ସୋମବାର ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ବିଡିଓ ଛବିରାଣୀ ସାହୁ କହିଛନ୍ତି। ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଜିଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ରଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଶିବିରରେ ୨୬ଟି ଅଭିଯୋଗ ଆସିଥିଲା। ଜିଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ତୁରନ୍ତ ଏହି ସବୁ ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ବିଡିଓ ଦୀପକ୍ କୁମାର ଜେନା, ଅଶୋକ କୁମାର ପୃଷ୍ଟି, ଭବାନୀ ଶଙ୍କର ପୋଥାଳ, ସୁଦିପ୍ କୁମାର ବେଶ୍ରା, ପ୍ରଭାତୀ ମହାପାତ୍ର, ଲୋଜିସ୍ମିତା ମହାପାତ୍ର, ହରିଶ ଚନ୍ଦ୍ର ପୂର୍ତ୍ତି,ଆଶୁତୋଷ ସ୍ୱାଇଁ, କୃଷ୍ଣଚନ୍ଦ୍ର ମିଶ୍ର, ସୁଶୀଳ କୁମାର ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ।

### ଆମ ସଂସ୍କୃତି ଆମ ଖେଳଣା କର୍ମଶାଳା

ପିପିଲି,୪।୧୨(ଦୁର୍ଗା ମାଧବ ମିଶ୍ର)

ସମଗ୍ର ଶିକ୍ଷା, ଓଡ଼ିଶା ଓ ପୁରୀଙ୍କ ନିର୍ଦ୍ଦେଶ ଅନୁସାରେ ୨ଦିନିଆ 'ଆମ ସଂସ୍କୃତି, ଆମ ଖେଳଣା' କର୍ମଶାଳା ଗୋବିନ୍ଦପୁର କ୍ଲଷ୍ଟରର ଗୋବିନ୍ଦପୁର ନୋଡାଲ ୟୁପି ସ୍କୁଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସିଆର୍‌ସିସି ଚିନ୍ତାମଣି ଓଝା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ, ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ର ଯୋଗଦେଇ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଥମିକ ସ୍ତରରେ ଶିକ୍ଷାଦାନ ବେଳେ ଶିକ୍ଷକମାନେ ପିଲାଙ୍କ ଉପଯୋଗୀ, ସଂସ୍କୃତି ପରମ୍ପରା ଉପରେ ପର୍ଯ୍ୟବସିତ ପାଠ୍ୟଖସଡ଼ା ଓ ବିଷୟ ଉପଯୋଗୀ ଖେଳଣାମାନ ବ୍ୟବହାର କଲେ ପିଲାମାନେ ଆନନ୍ଦ ଓ ଆଗ୍ରହ ସହକାରେ ଶିକ୍ଷା ଗ୍ରହଣ କରିପାରିବେ। ଏଥିପାଇଁ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଖେଳଣା ତିଆରି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି କର୍ମଶାଳାରେ ପ୍ରଶିକ୍ଷକ ଭାବେ ପିଙ୍କି ମିଶ୍ର, ମୋନାଲିସା ରାଉତ ଏବଂ ସମସ୍ତ ବିଦ୍ୟାଳୟରୁ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ।

### ବିଦ୍ୟାଳୟରେ ସମ୍ମନିତ ଯୁବ ବିକାଶ କାର୍ଯ୍ୟକ୍ରମ

ଅସ୍ତରଙ୍ଗ,୪।୧୨(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ମା' ଉକୁଳେଇ ନିକଟ ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ 'ନୂଆ-ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଶାନ୍ତ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ମୁଖ୍ୟବକ୍ତା ଭାବେ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ନୀରୋଦ ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅର୍ଥନୀତି ଅଧ୍ୟାପକ ପ୍ରଦୀପ୍ତ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର କ୍ରୀଡ଼ା ଅଧିକାରୀ ପ୍ରକାଶଚନ୍ଦ୍ର ମହାପାତ୍ର, ସାଂସ୍କୃତିକ ଅଧିକାରୀ ମମତା ସ୍ୱାଇଁ ଏବଂ ସାମାଜିକ କାର୍ଯ୍ୟକ୍ରମ ଅଧିକାରୀ ରାଜନୀତି ବିଜ୍ଞାନ ଅଧ୍ୟାପକ ବୁଦ୍ଧଦେବ ଜେନା ନିଜ ନିଜର ଅଭିଭାଷଣ ରଖିଥିଲେ। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପହିଲି ସ୍ୱର୍ଣ୍ଣ ନୃତ୍ୟ ପରିବେଷଣ କରିଥିଲେ। ଇତିହାସ ଅଧ୍ୟାପକ ପ୍ରଶାନ୍ତ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟତମ ସାଂସ୍କୃତିକ ଅଧିକାରୀ ପ୍ରସନ୍ନ ଛାଟୋଇ ଧନ୍ୟବାଦ ଦେଇଥିଲେ।




ଗ୍ଲୋବାଲ୍ ୱାର୍ମିଂ ବନ୍ଦ କରିବା ପାଇଁ ସଚେତନତା ବାର୍ତ୍ତା ଦେଇ କୋଣାର୍କ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବରେ ସୋମବାର ଦେବୀକା ଭୁକ୍ତା, ମୋନାଲିସା ସାମଲ, ସଙ୍ଗୀତା ସ୍ୱାଇଁ ଏବଂ ଶୁଭଶ୍ରୀ ଦଳାଇଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା ।

## କୋଷ୍ଟାଲ ଟ୍ରେକିଂରେ ପରିବେଶ ସନ୍ତୁଳନ ବାର୍ତ୍ତା

ପୁରୀ,୪।୧୨(ଅଜିତ୍ ମହାନ୍ତି):

ପରିବେଶ ସନ୍ତୁଳନର ବାର୍ତ୍ତା ନେଇ ପୁରୀ ଟ୍ରେକିଂ କ୍ଲବ ପକ୍ଷରୁ କୋଷ୍ଟାଲ ଟ୍ରେକିଂ ଆରମ୍ଭ ହୋଇଛି। ପୁରୀ ମଙ୍ଗଳାଘାଟ ମୁହାଣରୁ ବ୍ରହ୍ମଗିରିର ବାଲିହରଚଣ୍ଡୀ ବେଳାଭୂମି ପର୍ଯ୍ୟନ୍ତ ଏହି କୋଷ୍ଟାଲ ଟ୍ରେକିଂ ଅନୁଷ୍ଠିତ ହୋଇଛି। ପୁରୀ ଟ୍ରେକିଂ କ୍ଲବ ପକ୍ଷରୁ ୨୦ଜଣ ଟ୍ରେକର ବେଳାଭୂମିରେ ଚାଲି ଚାଲି ବାଲି ହରଚଣ୍ଡୀ ବିଟ ହାଉସ ପର୍ଯ୍ୟନ୍ତ ଆସିବା ପରେ ସମସ୍ତ ସଦସ୍ୟ ଡଙ୍ଗାରେ ପାରି ହୋଇ ବାଲିହରଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଟ୍ରେକିଂ କ୍ଲବ ପକ୍ଷରୁ ୮ବର୍ଷ ଧରି ବର୍ଷକୁ ୨ଥର ପୁରୀ ବାଲିହରଚଣ୍ଡୀ ଓ ପୁରୀରୁ ରାମଚଣ୍ଡୀ ପର୍ଯ୍ୟନ୍ତ କୋଷ୍ଟାଲ ଟ୍ରେକିଂ କରାଯାଉଛି। ଏଥର ୧୬ତମ କୋଷ୍ଟାଲ ଟ୍ରେକିଂରେ ସମସ୍ତ ସଦସ୍ୟ ବାଲିରେ ଚାଲି ଚାଲି ଆସିବା ସମୟରେ ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଓ ବେଳାଭୂମି ପରିଷ୍କାର ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ବେଳାଭୂମିରେ ଏକ ଅଜଣା ସାମୁଦ୍ରିକ ଜୀବ ପଡିଥିବା ଦେଖିବାକୁ ମିଳିଥିଲା। ଜୀବଟି ପେଚା ସଦୃଶ। ତା'ର ସୁରକ୍ଷା ପାଇଁ ଶରୀରରେ ଚାରିଆଡେ କଣ୍ଟା ରହିଛି। ଟ୍ରେକିଂ କ୍ଲବ ସମ୍ପାଦକ ଶିବଶଙ୍କର ପ୍ରଧାନ, ଫାଉଣ୍ଡର ସଦସ୍ୟ ଭାସ୍କର ପୂଜାରୀ, ଜୟୀ ନାରାୟଣ ମହାନ୍ତି, ଡାକ୍ତର ଶରତ ମହାନ୍ତି, ମଧୁସୂଦନ ମିଶ୍ର, ବିରେନ୍ଦ୍ର କୁମାର ବେହେରା, ଡାକ୍ତର ଶିବ ସୁନ୍ଦର ସିଂହାରୀ, ଜିତେନ୍ଦ୍ର କୁମାର ପାତ୍ର, ଲକ୍ଷ୍ମୀକାନ୍ତ ମହାନ୍ତି, ଶୀତିକଣ୍ଠ ଶତପଥୀ, ଜୀବେଶ ରଥ, ରାଜା ରଥ, ପ୍ରଶାନ୍ତ ପାତ୍ର, ସରୋଜ କୁମାର ସାହୁ, କୃଷ୍ଣଚନ୍ଦ୍ର ଗୁପ୍ତା, ବଟକୃଷ୍ଣ ମହାପାତ୍ର, ଗଣେଶ ଚନ୍ଦୁକା, ଗୋବିନ୍ଦ ପାତ୍ର, ସୀମାଞ୍ଚଳ ପାତ୍ର , ନିଗମ ପାତ୍ର, ବ୍ରଜରାଜ ପାତ୍ର, ମହାବୀର ରୁଦ୍ରନାରାୟଣ ସାହୁ ପ୍ରମୁଖ କୋଷ୍ଟାଲ ଟ୍ରେକିଂରେ ସାମିଲ ଥିଲେ।




କୋଷ୍ଟାଲ ଟ୍ରେକିଂରେ ସାମିଲ ହୋଇଥିବା ପୁରୀ ଟ୍ରେକିଂ କ୍ଲବର ସଦସ୍ୟମାନେ ।

## ମହାପ୍ରଭୁଙ୍କ ପଇତାଲାଗି ନୀତି

ପୁରୀ, ୪।୧୨(ଅଜିତ୍ ମହାନ୍ତି)

ମାର୍ଗଶିର ମାସ କୃଷ୍ଣପକ୍ଷ ସପ୍ତମୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତାଲାଗି ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରୁ ପଇତାଲାଗି ନୀତି ଅନ୍ୟତମ। ଏହି ଗୁପ୍ତନୀତି ଦ୍ୱାରା ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗର ସୁରକ୍ଷା ଦିଆଯାଇଥାଏ। ଶ୍ରୀବିଗ୍ରହମାନଙ୍କଠାରେ ଦୈନନ୍ଦିନ ଲାଗିହେଉଥିବା ଚନ୍ଦନରୁ ଶ୍ରୀଅଙ୍ଗକୁ ସୁରକ୍ଷା ଦେବା ନିମନ୍ତେ ଏହି ପଇତାଲାଗି କରାଯାଇଥିଲା। ଏହି ଗୁପ୍ତନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଦ୍ୱିତୀୟ ଭୋଗମଣ୍ଡପ ନୀତି ସରିବା ପରେ ପଇତାଲାଗି ନୀତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପାଦନ କରିଥିଲେ। ଶ୍ରୀମନ୍ଦିର ପାଟରା ସେବକମାନେ ୩ ରଙ୍ଗର ବାସୁଙ୍ଗା ପାଟବସ୍ତ୍ରରେ ପଇତା ପ୍ରସ୍ତୁତ କରିଥିଲେ। ସେମାନେ ଲକ୍ଷ୍ମୀ ମନ୍ଦିରର ଜଗମୋହନରେ ଏହି ପଇତା ପ୍ରସ୍ତୁତ କରିବା ପରେ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିଥିଲେ। ସୋମବାର ସନ୍ଧ୍ୟା ୫ଟାରେ ଦ୍ୱିତୀୟ ଭୋଗ ମଣ୍ଡପ ସରି ୫.୧୦ରେ ମଇଲମ ହୋଇ ପାଣି ପଡିଥିଲା। ୫ଟା ୧୫ରେ ଲକ୍ଷ୍ମୀ ଏବଂ ସରସ୍ୱତୀ ଖଟଶେଯ ଘରକୁ ବିଜେ କରିଥିଲେ। ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ପଇତାଲାଗି ନୀତି ସମ୍ପାଦନ କରିବା ନିମନ୍ତେ ଦଇତାପତି ସେବକମାନେ ସନ୍ଧ୍ୟା ୫ଟା ୩୦ରେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ଏହି ସମୟରେ ଶ୍ରୀମନ୍ଦିର ଜୟବିଜୟ ଦ୍ୱାର ଓ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯାଇଥିଲା। ଦଇତାପତି ସେବକମାନେ ନୀତି ସମ୍ପାଦନ କରି ଶ୍ରୀମନ୍ଦିରରୁ ଫେରିବା ପରେ ଶ୍ରୀବିଗ୍ରହମାନଙ୍କ ମହାସ୍ନାନ ନୀତି କରାଯାଇ ଅନ୍ୟାନ୍ୟ ନୀତି ହୋଇଥିଲା।

## ଡେଲାଙ୍ଗ ବ୍ଲକ ଚାମ୍ପିୟନ



ଅତିଥିମାନେ ଡେଲାଙ୍ଗ ଦଳକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି ।

**ରାଜ୍ୟସ୍ତରୀୟ ପଶା ପ୍ରତିଯୋଗିତା**

କଣାସ,୪।୧୨(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକ ଅଧୀନ ଜଙ୍ଘାର ଗ୍ରାମ ତାରିଣୀ ଛକଠାରେ ଗତ ୨ ଓ ୩ ତାରିଖ ୨ଦିନ ଧରି ଗଦାଧର ସ୍ୱାଇଁ ମେମୋରିଆଲ ରାଜ୍ୟସ୍ତରୀୟ ପଶାଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବ ଉପେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ଲିଙ୍ଗରାଜ ସ୍ୱାଇଁ, ଶିକ୍ଷାବିତ୍ ରାମଚନ୍ଦ୍ର ସାମନ୍ତରାୟ, ପ୍ରତାପ ସାହୁ, ଗୁଣନିଧି ସ୍ୱାଇଁ, ବାନାମ୍ବର ପ୍ରଧାନ, ଦୁଃଶାସନ ସ୍ୱାଇଁ, ରବିନାରାୟଣ ବଳିୟାରସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପାରମ୍ପରିକ ପଶାଖେଳ ଗାଁଗହଳିରୁ ଧୀରେ ଧୀରେ ବିଲୁପ୍ତ ହେଉଥିବାବେଳେ ସେହି ପରମ୍ପରାକୁ ବଜାୟ ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର ଜିଲାରୁ ୪୫ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଭାଗନେଇଥିଲେ। ଡେଲାଙ୍ଗ ବ୍ଲକ ଖେଳାଉର ଗ୍ରାମର ପ୍ରଫୁଲ୍ଲ ମେକାପ ଯୋଡ଼ି ଚଳିତବର୍ଷ ପାଇଁ ଚାମ୍ପିୟନ ହୋଇଥିବାବେଳେ କଣାସ ବ୍ଲକ ସୁନାଖଳା, ଚୁପୁରିଙ୍ଗି ଗ୍ରାମର ବିନୋଦ ସୁନ୍ଦରାୟ, ସୁରେଶ ଚନ୍ଦ୍ର ମହାପାତ୍ର ରନର୍ସ ଅପ୍ ହୋଇଥିଲେ। ପୁରସ୍କାର ବିତରଣ ସଭାରେ ସାମାଜିକ କର୍ମୀ ସାମନ୍ତରାୟ, ଦୁଃଶାସନ ସ୍ୱାଇଁ, ଉପେନ୍ଦ୍ର ପ୍ରଧାନ, ଲିଙ୍ଗରାଜ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ଓ ରନର୍ସ ଅପ୍ ଦଳକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ସୁଦର୍ଶନ ସ୍ୱାଇଁ ଖେଳ ପରିଚାଳନା କରିଥିବାବେଳେ କାଳୁଚରଣ ପରିଡ଼ା, ଭାଗୀରଥି ଜେନା, ଖଗେଶ୍ୱର ଜେନା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

## ଭାଜପା ପାଳିଲା ବିଜୟ ଉତ୍ସବ

ଚାରିଛକ,୪।୧୨(ଶିଶିର ସ୍ୱାଇଁ):

ପୁରୀ ଜିଲା ଚାରିଛକଠାରେ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ନିମାପଡ଼ା ନିର୍ବାଚନମଣ୍ଡଳୀ ନାରୀନେତ୍ରୀ ପ୍ରଭାତୀ ପରିଡ଼ା ଓ ଯୁବ ନେତା ଦିଲୀପ ନାୟକଙ୍କ ନିର୍ଦ୍ଦେଶରେ ଭାଜପା ପକ୍ଷରୁ ବିଜୟ ଉତ୍ସବ ରବିବାର ରାତିରେ ପାଳନ କରାଯାଇଛି। ପ୍ରକାଶ ଯେ, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ ଭାଜପାର ବିଜୟ ହୋଇଛି। କାର୍ଯ୍ୟକ୍ରମରେ ଛଣିଜଙ୍ଗ ପଞ୍ଚାୟତର ସରପଞ୍ଚ ଅଜୟ ପରିଡ଼ା, ବିଜୟ ମଲ୍ଲିକ, ଧୂଳ ସାହୁ, ଜ୍ୟୋତିରଞ୍ଜନ ପାତ୍ର, ପୂର୍ଣ୍ଣଚନ୍ଦ୍ର ଓଝା, ଦୁର୍ଯ୍ୟୋଧନ ମହାନ୍ତି, ଭକ୍ତବନ୍ଧୁ ବିଶ୍ୱାଳ, ବାବୁରାମ ପାତ୍ର, କୈଳାସ କର, ଦେବବନ୍ଦ୍ର ବାରିକ, ଜନ୍ମେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ରହି ବାଣ ଫୁଟାଇ ଜିନ୍ଦାବାଦ ସ୍ଲୋଗାନ ଦେଇ ବିଜୟ ଉତ୍ସବ ପାଳନ କରିଥିଲେ।

## ସେମିରେ ନିମପୁର କ୍ରିକେଟ କ୍ଲବ

**ଅଲ୍ ଓଡ଼ିଶା ବାରବାଟୀ କପ୍**

ନିମାପଡ଼ା,୪।୧୧(ରଞ୍ଜନ ପଟ୍ଟନାୟକ):

ଏସ୍‌ପି ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ଅଲ୍ ଓଡ଼ିଶା ବାରବାଟୀ କପ୍ ତୃତୀୟ ଟୁବୁଲି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ସୋମବାର ରାଇଜିଂ ଷ୍ଟୁଡେଣ୍ଟ କଟକକୁ ୩୦ ରନରେ ହରାଇ ନିମପୁର କ୍ରିକେଟ କ୍ଲବ ସେମି ଫାଇନାଲରେ ପ୍ରବେଶ କରିଛି। ନିମପୁର କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ୍ ହରାଇ ୧୬୭ ରନ୍ କରିଥିଲା। ଜବାବରେ ପ୍ରତିପକ୍ଷ ରାଇଜିଂ ଷ୍ଟୁଡେଣ୍ଟ ଦଳ ସମସ୍ତ ଉଇକେଟ ହରାଇ ୧୩୭ ରନ୍ କରିଥିଲା। ବିଜୟୀ ନିମପୁର କ୍ରିକେଟ କ୍ଲବର ଦିବ୍ୟାଂଶୁ ନାୟକ ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଅତିଥିଭାବେ ନିମାପଡ଼ା ଆକ୍ସିସ ବ୍ୟାଙ୍କ କ୍ଲଷ୍ଟର ହେଡ ଆଶିଷ ମହାନ୍ତି, ନିମାପଡ଼ା ଆକ୍ସିସ ବ୍ୟାଙ୍କ ଶାଖା ପରିଚାଳକ ଜ୍ୟୋର୍ତିମୟ ପଣ୍ଡା, ଯୋଗଦେଇଥିଲେ। ଅୟଶକାନ୍ତ ମିଶ୍ର ଏବଂ କ୍ୟାପଟେନ ଶ୍ୱେତପର୍ଣ୍ଣ ରାୟମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ। ଆଲୋକ ଜେନା ଏବଂ ଅନିଶ ପ୍ରଧାନ ସ୍କୋରର ଦାୟିତ୍ୱରେ ଥିଲେ।




ଖେଳାଳିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

## ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସ୍ଥାନ ନିରୂପଣ ହେଲା

**ଜାନୁୟାରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ**

ପୁରୀ, ୪।୧୨(ଅଜିତ୍ ମହାନ୍ତି):

ଆସନ୍ତା ଜାନୁୟାରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ପ୍ରକଳ୍ପକୁ ଉଦ୍‌ଘାଟନ କରିବେ। ପ୍ରକଳ୍ପ ଉଦ୍‌ଘାଟନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବଂ ପୁରୀ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରକଳ୍ପ ଉଦ୍‌ଘାଟନ ପୂର୍ବରୁ ୧୨ ତାରିଖରୁ ପୂଜାର୍ଚ୍ଚନା ଅନୁଷ୍ଠିତ ହେବ। ଉକ୍ତ ଦିନ ଗଜପତି ମହାରାଜା ବ୍ରାହ୍ମଣ ବରଣ କରିବେ। ସେହିପରି ୧୫ ତାରିଖରୁ ଯଜ୍ଞ ଆରମ୍ଭ ହୋଇ ୧୭ ତାରିଖରେ ପୂର୍ଣ୍ଣାହୁତି ଦିଆଯିବ। ଯଜ୍ଞରେ ଗଜପତି ମହାରାଜା କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିବେ। ଶ୍ରୀମନ୍ଦିର ଐଶାନ୍ୟ କୋଣରେ ଏହି ଯଜ୍ଞ କରାଯିବା ପାଇଁ ସ୍ଥାନ ନିରୂପଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ସନ୍ଧ୍ୟାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ରଞ୍ଜନ କୁମାର ଦାସ, ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଶ୍ରୋତ୍ରୀୟ ବ୍ରାହ୍ମଣ, ରାଜଗୁରୁ ପ୍ରମୁଖ ସ୍ଥାନ ନିରୂପଣ କରିଛନ୍ତି। ସେହିପରି କାର୍ଯ୍ୟକ୍ରମ ପାଇଁ ମଧ୍ୟ ସ୍ଥାନ ପରିଦର୍ଶନ କରିଛନ୍ତି।

ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ଦାସ କହିଛନ୍ତି, ପ୍ରକଳ୍ପ ଉଦ୍‌ଘାଟନ ନିମନ୍ତେ ଅନୁଷ୍ଠିତ ହେବାକୁ ଥିବା ଯଜ୍ଞ ଓ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସ୍ଥାନ ନିରୂପଣ କରାଯାଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଶ୍ରୀମନ୍ଦିର ଐଶାନ୍ୟ କୋଣରେ ଯଜ୍ଞ କରାଯିବ। ଯେଉଁଠାରେ ଯଜ୍ଞ ହେବ ସେ ସ୍ଥାନ ନିରୂପଣ କରାଗଲା। ସେହିପରି ଯଜ୍ଞ ସମୟରେ ଯେଉଁ ସ୍ଥାନରେ ଅତିଥିମାନେ ରହିବେ ସେସବୁ ସ୍ଥାନ ଚିହ୍ନଟ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସମ୍ମାନିତ କାର୍ଯ୍ୟକ୍ରମ ରହିଛି। ପ୍ରକଳ୍ପ ପାଇଁ ଜମି ଦାନ ଦେଇଥିବା ବ୍ୟକ୍ତି ବିଶେଷ, ଶ୍ରମଦାନ କରିଥିବା ବ୍ୟକ୍ତି ଏବଂ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିବେ। ଏଥିପାଇଁ ଶ୍ରୀମନ୍ଦିର ସମ୍ମୁଖରେ ଏକ ମଞ୍ଚ ନିର୍ମାଣ କରାଯାଉଛି, ଯେଉଁଠାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହେବ। ଏହି ସମସ୍ତ ସ୍ଥାନ ଚିହ୍ନଟ କରାଯାଇଛି। ସେହିଭଳି କେଉଁମାନେ କେଉଁ ଦାୟିତ୍ୱରେ ରହିବେ ସେ ନେଇ ମଧ୍ୟ ଆଲୋଚନା ହୋଇଛି। ଐଶାନ୍ୟ କୋଣରେ ଯଜ୍ଞ ହେବା ସହ ଶ୍ରୀମନ୍ଦିର ଚାରିଦ୍ୱାରଠାରେ ଚାରିବେଦ ପାଠ କରାଯିବ। ପରିକ୍ରମା ମାର୍ଗରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ କରାଯିବ। ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରାଯିବାର ବ୍ୟବସ୍ଥା ହେଉଛି। ପ୍ରକଳ୍ପ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ଡିସେମ୍ବର ଶେଷ ସୁଦ୍ଧା ସମସ୍ତ କାର୍ଯ୍ୟ ସରିବ ବୋଲି ମୁଖ୍ୟ ପ୍ରଶାସନ ଦାସ ସୂଚନା ଦେଇଛନ୍ତି। ସେହିପରି ଶ୍ରୀମନ୍ଦିର ପୁରୋହିତ ସିଦ୍ଧେଶ୍ୱର ମହାପାତ୍ର ମଧ୍ୟ ଅନୁରୂପ ସୂଚନା ଦେଇଛନ୍ତି।



ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଏବଂ ଅନ୍ୟମାନେ ସ୍ଥାନ ନିରୂପଣ କରୁଛନ୍ତି ।

# ଗୋନାସିକା-ଗୁପ୍ତଗଙ୍ଗା

## ବୈତରଣୀ ଉତ୍ପତ୍ତିସ୍ଥଳ

କେନ୍ଦୁଝର ସମେତ ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଜିଲା ଓ ଝାଡ଼ଖଣ୍ଡ ରାଜ୍ୟ ଦେଇ ପ୍ରବାହିତ ପୁଣ୍ୟତୋୟା ବୈତରଣୀର ଇତିହାସ ଯେତିକି ପୁରୁଣା ତା'ର ମାହାତ୍ମ୍ୟ ସେତିକି ମହିମାଦୀପ୍ତ । ଅନେକ ଧାର୍ମିକ ବିଶ୍ୱାସ ଓ ଭାବଧାରା ଏହା ସହ ଜଡ଼ିତ । ସୁମେରୁ ପାହାଡ଼ରୁ ବାହାରିଥିବା ବୈତରଣୀକୁ ଅନେକେ ଭକ୍ତିର ସହ ପ୍ରଣାମ କରୁଥିବାବେଳେ ଏହା ଧାମରା ନିକଟରେ ବଙ୍ଗୋପସାଗରରେ ଲୀନ ହୋଇଛି । ତା' ପୂର୍ବରୁ ପ୍ରତି କୋଶରେ ମହାଦେବଙ୍କ ମନ୍ଦିର ସ୍ଥାପିତ ହୋଇ ଧାର୍ମିକ ଭାବନାକୁ ବଢ଼ାଉଛି ।

ଗୁପ୍ତଗଙ୍ଗାର ପୌରାଣିକ ପୃଷ୍ଠଭୂମି ଅନୁସାରେ ଗୋନାସିକାରେ ଅବସ୍ଥିତ ପ୍ରସିଦ୍ଧ ଶୈବପୀଠ ବ୍ରହ୍ମେଶ୍ୱର ମନ୍ଦିର ପ୍ରତିଷ୍ଠା ନିମନ୍ତେ ସ୍ୱର୍ଗରୁ ବ୍ରହ୍ମା ଆସି ଜଳ ପାଇଁ ଗଙ୍ଗାଙ୍କୁ ସ୍ମରଣ କରିଥିଲେ । ପରେ ଗଙ୍ଗା ସେଠାରେ ଜଳଧାରା ସୃଷ୍ଟି କରିଥିଲେ । ସେ ସମୟରେ ସେଠାରେ ଥିବା ଅଧିବାସୀମାନେ ଜଳଧାରାକୁ ଦେଖି ଅତ୍ୟନ୍ତ ଖୁସିବ୍ୟକ୍ତ କରିଥିଲେ । ଜଳକୁ ଅନ୍ୟତ୍ର ନ ଛାଡ଼ିବାକୁ ଜଳଧାରା ଉପରେ ଏକ ଗାଈ ମୁଣ୍ଡ ରଖି ଦେଇଥିଲେ । ଉକ୍ତ ଗାଈମୁଣ୍ଡର ଗୋଟିଏ ନାକପୁଡ଼ାରୁ ପାଣି ଓ ଅନ୍ୟ ଏକ ପୁଡ଼ାରୁ ବାଲି ବାହାରିଥିଲା ବୋଲି ପୁରାଣକାରମାନେ ମତ ପୋଷଣ କରନ୍ତି । ଏହା ବ୍ୟତୀତ ଗାଈମୁଣ୍ଡ ରଖାଯିବାରୁ ମାତା ଗଙ୍ଗା ଅପବିତ୍ର ହୋଇଯିବେ ବୋଲି ସେଠାରୁ ଲୁଚି ପଳାଇଯିବାରୁ ଉକ୍ତ ସ୍ଥାନ ନାଁ ଗୁପ୍ତଗଙ୍ଗା ରଖାଯାଇଛି । ଲୋକମୁଖରେ ବୈତରଣୀ ନଦୀ ଗଙ୍ଗା ନଦୀଠାରୁ ବାରବର୍ଷ ବଡ଼ । ପ୍ରଚାର ପ୍ରସାର ଅଭାବରୁ ଉକ୍ତ ଐତିହାସିକ ପୀଠ ଲୋକଲୋଚନର ଆଢୁଆଳରେ ରହିଯାଇଛି । ବ୍ରହ୍ମେଶ୍ୱରଙ୍କଠାରୁ ଆରମ୍ଭକରି ଜିଲାର ଅନ୍ୟତମ ଶୈବପୀଠ ଭାବେ ପରିଚିତ ହାବଳେଶ୍ୱର ଶିବମନ୍ଦିର ରହିଛି । ଗତ କିଛି ବର୍ଷ ତଳେ ଏଠାରେ



ଗଙ୍ଗାଦେବୀଙ୍କ ପ୍ରତିମା ସ୍ଥାପନା କରାଯାଇ ପୂଜାର୍ଚ୍ଚନା କରାଯାଉଛି । ଜଣେ ବାବା ଏଠାରେ ଅବସ୍ଥାନ କରି ପୂଜାପାଠ କରୁଥିବାବେଳେ ତାଙ୍କ ଗୁପ୍ତଗଙ୍ଗାର ସ୍ଥାୟୀ ବାସିନ୍ଦା ରଞ୍ଜନ ଜୁଆଙ୍ଗ ଏଠାରେ ପ୍ରତ୍ୟେକ ଦିନ ପୂଜାକରି ଆସୁଛନ୍ତି । ମକର, ବାରୁଣୀଯାତ୍ରା ଓ ଶ୍ରାବଣ ମାସରେ ଭକ୍ତଙ୍କର ବିଶେଷ ଭିଡ଼ ଦେଖିବାକୁ ମିଳିଥାଏ । କେନ୍ଦୁଝର ଜିଲା ସମେତ ଅନ୍ୟାନ୍ୟ ସ୍ଥାନରୁ ଆସୁଥିବା ଶ୍ରଦ୍ଧାଳୁମାନେ ଗୁପ୍ତଗଙ୍ଗାରେ ଅସ୍ଥି ବିସର୍ଜନ କରିଥାନ୍ତି । ବୈତରଣୀ ଅନେକଙ୍କ ପାଇଁ ପ୍ରାତଃ ସ୍ମରଣୀୟ ହୋଇଥିବାବେଳେ ଏହାର ମୂଳଧାର ଅବହେଳିତ ଅବସ୍ଥାରେ ରହିଥିବା କେନ୍ଦୁଝରର ପୁରୁଖା ବ୍ୟକ୍ତି ପଦ୍ମଶ୍ରୀ ମାଗୁଣି ଚରଣ କୁଅଁର କହିଛନ୍ତି ।

ଜିଲା ସଦର ମହକୁମାରୁ ବାୟାପଣ୍ଡାଦର ଦେଇ ୩୦ କି.ମି. ରାସ୍ତା ଅତିକ୍ରମ କଲେ ଗୋନାସିକା-ଗୁପ୍ତଗଙ୍ଗା ପଡ଼ିବ । ବକ୍ସିବାରିଗାଁ ଦେଇ ପୀଠକୁ ଯିବା ପାଇଁ ୪୦ କି.ମି. ରାସ୍ତା ଅତିକ୍ରମ କରିବାକୁ ପଡ଼ିଥାଏ । ବ୍ରହ୍ମେଶ୍ୱରଙ୍କ ମନ୍ଦିର ନିକଟରୁ ଗୁପ୍ତଗଙ୍ଗା ପ୍ରାୟ ୩ କି.ମି. ରାସ୍ତା ହୋଇଥିବା ବେଳେ ପର୍ଯ୍ୟଟକଙ୍କ ସୁବିଧା କିମ୍ବା ସୂଚନା ପାଇଁ କୌଣସି ଫଳକ ନ ଥିବାରୁ ପୀଠ ସମ୍ପର୍କରେ ବିଶେଷ ପ୍ରଚାର ହୋଇପାରୁନାହିଁ । ବର୍ଷା ହେଲେ ଶ୍ରଦ୍ଧାଳୁମାନେ ମୁଣ୍ଡ ଗୁଞ୍ଜିବା ପାଇଁ ସ୍ଥାନ ନାହିଁ । ଭକ୍ତଙ୍କ ସ୍ନାନ ପାଇଁ ଗାଧୋଇବା କୁଣ୍ଡ ନ ଥିବାରୁ ଅନେକ ସମସ୍ୟା ସୃଷ୍ଟି ହେବା ସହ ଅସ୍ଥି ବିସର୍ଜନ କରୁଥିବା ଲୋକେ କେବଳ ପାଣି ଛିଞ୍ଚି ଘରକୁ ଫେରିବାକୁ ବାଧ ହେଉଛନ୍ତି । ବିଜୁଳି ଆଲୋକ ବ୍ୟବସ୍ଥା ନ ଥିବାରୁ ସନ୍ଧ୍ୟା ପୂର୍ବରୁ ଭକ୍ତମାନେ ଫେରିଯାଆନ୍ତି । ଗୁପ୍ତଗଙ୍ଗାର ବିକାଶ ପାଇଁ ଏକ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ୍ କରିବାକୁ ସାଧାରଣରେ ଦାବି ହେଉଛି ।

**ଦୀପକ ମିଶ୍ର,**
କେନ୍ଦୁଝର

ଅଭିନନ୍ଦନ
ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ ଖବରକାଗଜ 'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ଓ ଜଟଣୀବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଚିତନ ରଞ୍ଜନ ଦଳାଇ
ଆଇନଜୀବୀ, ସମାଜସେବୀ
ରାଜାବଜାର, ଜଟଣୀ, ଖୋର୍ଦ୍ଧା

ଅଭିନନ୍ଦନ
ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ବ୍ଲକବାସୀଙ୍କ ମଙ୍ଗଳ କାମନା କରିବା ସହ ଧରିତ୍ରୀର ଉତ୍ତରୋତ୍ତର ମଙ୍ଗଳ କାମନା କରୁଛି ।
ହରିମୋହନ ନାଏକ
କନିଷ୍ଠ ଯନ୍ତ୍ରୀ, ଗୋପବନ୍ଧୁ ନଗର ବ୍ଲକ

ଅଭିନନ୍ଦନ
ଓଡ଼ିଆ ଏବଂ ଓଡ଼ିଶାବାସୀଙ୍କ ସାଭିମାନର ପ୍ରତୀକ ଖବରକାଗଜ 'ଧରିତ୍ରୀ' ୫୦ତମ ସର୍ଣ୍ଣକ୍ଷେତ୍ର ଶୁଭ ଅବସରରେ ସମସ୍ତ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ।
ସୁଇଟ୍ସ ଆଣ୍ଡ ସୁଇଟ୍ସ
ବିଭିନ୍ନ ପ୍ରକାର ସୁସ୍ୱାଦୁ ମିଠା, ଛେନା, ପନିର, ଖୁଆ ଆଦିର ନିର୍ଭରଯୋଗ୍ୟ ସୁଇଟ୍ସ ଷ୍ଟଲ ଓ ପ୍ରତିଷ୍ଠାନ
ସୀତାରାମଛକ ଜଟଣୀ, ଖୋର୍ଦ୍ଧା
ପ୍ରୋ- କାର୍ତ୍ତିକଚନ୍ଦ୍ର ସାହୁ

ଅଭିନନ୍ଦନ
'ଧରିତ୍ରୀ'ର ୫୦ ବର୍ଷ ପୂର୍ତ୍ତି ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଅସହାୟ ବୃଦ୍ଧ ବୃଦ୍ଧାଙ୍କ ଅସହାୟ ଆଶ୍ରୟ ସ୍ଥଳୀ
ବାପାମାଆ ସେବାଶ୍ରମ ଟ୍ରଷ୍ଟ
ରାଣୀପୁର, ତିରିମଲ, ଜଟଣୀ, ଖୋର୍ଦ୍ଧା
ସଭାପତି ଜ୍ୟୋତି ମହାରଣା

ଅଭିନନ୍ଦନ
ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଅନୁଷ୍ଠାନର ମଙ୍ଗଳ କାମନା କରୁଅଛୁ । ଏଥିସହ ରାଜେନ୍ଦ୍ରପୁର ପଞ୍ଚାୟତକୁ ଏକ ଅଗ୍ରଣୀ, ସ୍ୱଚ୍ଛ, ଦୁର୍ନୀତିମୁକ୍ତ ପଞ୍ଚାୟତ ଭାବରେ ଗଢ଼ିତୋଳିବାରେ ପଞ୍ଚାୟତର ଜନସାଧାରଣଙ୍କର ସାହାଯ୍ୟ, ସହଯୋଗ କାମନା କରୁଅଛୁ ।
ବବିତା ପଥାଳ
ସରପଞ୍ଚ
ରାଜେନ୍ଦ୍ରପୁର ଗ୍ରାମ ପଞ୍ଚାୟତ
ସଞ୍ଜୟ କୁମାର ଭୋଇ
ଯୁବନେତା
ରାଜେନ୍ଦ୍ରପୁର ପଞ୍ଚାୟତ

ଅଭିନନ୍ଦନ
ଲୋକପ୍ରିୟ ତଥା ନିରପେକ୍ଷ ଖବରକାଗଜ ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଅବସରରେ ଧରିତ୍ରୀ ପରିବାର, ବଡ଼ମ୍ବାଗଡ ଗ୍ରାମପଞ୍ଚାୟତବାସୀଙ୍କୁ ମୋର ଶୁଭେଚ୍ଛା ଓ ଶୁଭକାମନା ।
ଚିନ୍ମୟ ପଟ୍ଟନାୟକ
ସାମାଜିକ କର୍ମୀ, ବଡ଼ମ୍ବାଗଡ, କଟକ

ଅଭିନନ୍ଦନ
ଓଡ଼ିଶାର ନିର୍ଭୀକ ନିରପେକ୍ଷ ଖବରକାଗଜ 'ଧରିତ୍ରୀ'ର ୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଅଗଣିତ ପାଠକପାଠିକା ଏବଂ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
ମନୋଜ ସିଜିନ୍ ସେଣ୍ଟର
ରାକ୍ଷୀ, ବାଣ, ଗ୍ରୀଟିଙ୍ଗ୍ ଓ ହୋଲି ସାମଗ୍ରୀର ହୋଲ୍‌ସେଲ ବିକ୍ରେତା
ରେଲୱେ ଗୋଲେଇ ମାର୍କେଟ, ଜଟଣୀ, ଖୋର୍ଦ୍ଧା

ଅଭିନନ୍ଦନ
ଓଡ଼ିଶାର ଅପ୍ରତିଦ୍ୱନ୍ଦ୍ୱୀ ନିରପେକ୍ଷ ଦୈନିକ ଓଡ଼ିଆ ସମ୍ବାଦପତ୍ର 'ଧରିତ୍ରୀ'ର ୫୦ତମ ଜନ୍ମଦିବସ ଅବସରରେ ଜଟଣୀର ସମସ୍ତ ଗୁରୁଜନ ଛାତ୍ରୀଛାତ୍ରଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ମୋର ଲକ୍ଷ୍ୟ ସୁସ୍ଥ, ଶିକ୍ଷିତ, ସମୃଦ୍ଧ ଜଟଣୀ ଗଢ଼ି ତୋଳିବା ।
ହେମନ୍ତ କୁମାର ସୁନ୍ଦରାୟ
ଜାତୀୟସ୍ତରୀୟ କ୍ରୀଡ଼ାବିତ୍ ତଥା ସମାଜସେବୀ
ଜଟଣୀ, ଖୋର୍ଦ୍ଧା

ଅଭିନନ୍ଦନ
ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ପରିବାରର ଉନ୍ନତି କାମନା କରିବା ସହ ସାମନ୍ତରାପୁର ପଞ୍ଚାୟତବାସୀଙ୍କ ପରିବାରର ସୁଖ, ଶାନ୍ତି, ସମୃଦ୍ଧି ଓ ପ୍ରଗତିରେ ଭରିଯାଉ ବୋଲି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି । ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ଆପଣମାନଙ୍କ ସହଯୋଗ କାମନା କରୁଅଛି ।
ଶ୍ରୀମତୀ ପଦ୍ମିନୀ ସେଠୀ
ସରପଞ୍ଚ, ସାମନ୍ତରାପୁର ପଞ୍ଚାୟତ
ରସୁଲପୁର ବ୍ଲକ, ଜିଲା-ଯାଜପୁର

'ଧରିତ୍ରୀ'ର ସ୍ୱର୍ଣ୍ଣିମ ଜୟନ୍ତୀ ଉପଲକ୍ଷେ ସମ୍ପାଦକମଣ୍ଡଳୀ ଏବଂ ଅଗଣିତ ପାଠକପାଠିକାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା । ଏହି ଅବସରରେ ବାଲୁଗାଁ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।
ଅଭିନନ୍ଦନ
ଡ. ଲକ୍ଷ୍ମୀଧର ସୁବୁଦ୍ଧି
ଅଧ୍ୟାପକ
ବାଲୁଗାଁ ମହାବିଦ୍ୟାଳୟ

ଅଭିନନ୍ଦନ
ନିରପେକ୍ଷ ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ।
ପ୍ରମୋଦ ସିଜିନ ସେଣ୍ଟର
ରାକ୍ଷୀ, ବାଣ, ଗ୍ରୀଟିଙ୍ଗ୍ ଓ ହୋଲି ସାମଗ୍ରୀର ହୋଲ୍‌ସେଲ ବିକ୍ରେତା
ସୀତାରାମଛକ ଜଟଣୀ, ଖୋର୍ଦ୍ଧା

ଅଭିନନ୍ଦନ
"ଧରିତ୍ରୀ" ଖବରକାଗଜର ୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ 'ଧରିତ୍ରୀ'ର ସମସ୍ତ ପାଠକ ପାଠିକା, କର୍ମଚାରୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।
ମାନବ ସେବା ହିଁ ମାଧବ ସେବା ।
ବୃନ୍ଦାବନ ସୁବୁଦ୍ଧି
ବିଶିଷ୍ଟ ସମାଜସେବୀ
ଜଟଣୀ, ଖୋର୍ଦ୍ଧା

ଅଭିନନ୍ଦନ
'ଧରିତ୍ରୀ' ଖବରକାଗଜର ୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ 'ଧରିତ୍ରୀ'ର ସମସ୍ତ ପାଠକ ପାଠିକା, କର୍ମଚାରୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।
ସବ୍ ରେଜିଷ୍ଟ୍ରାର
ଜଟଣୀ, ଖୋର୍ଦ୍ଧା

Wish you Happy 50th Anniversary of 'Dharitri'
JSW PAINTS
The Colour factory
SR Satpathy / RR Satpathy
7205053393 / 9937341165
Ramachandrapur Bazar
Jatni, Khordha

'ଧରିତ୍ରୀ'ର ସ୍ୱର୍ଣ୍ଣିମ ଜୟନ୍ତୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ । ଏହି ଅବସରରେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ଉତ୍ତରୋତ୍ତର ଉନ୍ନତି କାମନା କରୁଅଛୁ ।
ବିଜୁ ଜନତା ଦଳ
ସନ୍ତୋଷ ପାଇକରାୟ
ଅଧ୍ୟକ୍ଷା ପ୍ରତିନିଧି ଓ ବିଜେଡି ଯୁବ ସଂଗଠକ
ସୁକାନ୍ତି ପାଇକରାୟ
ଅଧ୍ୟକ୍ଷା, ବାଲୁଗାଁ ଏନ୍‌ଏସି

See Career Appointment on every Wednesday & Saturday

ଅଭିନନ୍ଦନ
ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ ଖବରକାଗଜ 'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା । ଜଟଣୀ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଉଛି । ଆସନ୍ତୁ ସମସ୍ତେ ମିଳିମିଶି ଯଶସ୍ୱୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରଣୀତ ବିଭିନ୍ନ ଯୋଜନାକୁ ସଫଳ କରିବା, ନବୀନ ଓଡ଼ିଶା ଗଢ଼ିବା ।
ସୁଦର୍ଶନ ସୁନ୍ଦରାୟ
ଖୋର୍ଦ୍ଧା ଜିଲ୍ଲା ବିଜେଡି ଉପସଭାପତି
ଜଟଣୀ, ଖୋର୍ଦ୍ଧା

ଅଭିନନ୍ଦନ
'ଧରିତ୍ରୀ'ର ସ୍ୱର୍ଣ୍ଣିମ ଜୟନ୍ତୀ ଉପଲକ୍ଷେ ସମ୍ପାଦକମଣ୍ଡଳୀ ଏବଂ ଅଗଣିତ ପାଠକପାଠିକାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା । ଏହି ଅବସରରେ ବାଲୁଗାଁ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀବୃନ୍ଦଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।
ଡ. କଳ୍ପନା ଦାସ
ଅଧ୍ୟକ୍ଷା, ବାଲୁଗାଁ ମହାବିଦ୍ୟାଳୟ

ଅଭିନନ୍ଦନ
'ଧରିତ୍ରୀ'ର ସ୍ୱର୍ଣ୍ଣିମ ଜୟନ୍ତୀ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା । ଏହି ଅବସରରେ ଉତ୍କର୍ଷ ମୋଟର୍ସ ତରଫରୁ ବାଲୁଗାଁ ଓ ବାଣପୁରର ସମସ୍ତ ଗ୍ରାହକଙ୍କୁ ଅଭିନନ୍ଦନ ଓ ଶୁଭକାମନା ।
GODAWARI
eblu
Ye Jodi Salamat Rahe
Authorized Dealer :
Utkarsh Motors, Aleidiha Chowk, Balugoan

'ଧରିତ୍ରୀ'ର ସ୍ୱର୍ଣ୍ଣିମ ଜୟନ୍ତୀ ଉପଲକ୍ଷେ ଅଗଣିତ ପାଠକପାଠିକାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା । ଏହି ଅବସରରେ ବଡ଼କୁଳ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।
ଅଭିନନ୍ଦନ
ଭ୍ରମର ପାଇକରାୟ
ସମାଜସେବୀ
ବଡ଼କୁଳ ପଞ୍ଚାୟତ

ଅଭିନନ୍ଦନ
'ଧରିତ୍ରୀ'ର ସ୍ୱର୍ଣ୍ଣିମ ଜୟନ୍ତୀ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା । ଏହି ଅବସରରେ ସମସ୍ତ ଟିଭିଏସ୍ ଗ୍ରାହକଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।
TVS
ସତ୍ୟନାରାୟଣ ମୋଟର୍ସ, ମେନ୍‌ରୋଡ, ବାଲୁଗାଁ

